
ଧରିତ୍ରୀ
DHARITRI
June 2 - 8, 2024 ₹ 2/-
ଧରିତ୍ରୀ DHARITRI 50 Years

# ଛୁଟିଦିନ



# କୁନି ପ୍ରବଚକ

ଆଈମା' କାହାଣୀ ଶୁଣିବା ବଦଳରେ ଏମାନେ ଶୁଣୁଥିଲେ ହରିକଥା । ତାଙ୍କ କୁନି ପାଟିରୁ ଝରିଯାଉଥିଲା ବେଦମନ୍ତ୍ର ଉଚ୍ଚାରଣ । ବୟସ ବଢ଼ିବା ସହିତ ସେମାନଙ୍କର ଆଧ୍ୟାତ୍ମିକ ଜ୍ଞାନ ବି ବଢ଼ିଲା । ସେମାନେ ବିଭିନ୍ନ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରି ମନ ଜିଣିଲେ, ଆଉ ପାଲଟିଗଲେ କୁନି ପ୍ରବଚକ...

ପ୍ରଚ୍ଛଦ ପ୍ରସଙ୍ଗ ୩

# ଘରେ ଲଗାନ୍ତୁ ନାହିଁ ଏହିସବୁ ଗଛ

ଘରର ସୌନ୍ଦର୍ଯ୍ୟ ବୃଦ୍ଧି ସାଙ୍ଗକୁ ପରିବେଶକୁ ଶୁଦ୍ଧ କରିବାରେ ଗଛର ଥାଏ ଅନେକ ଭୂମିକା। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଏମିତି କିଛି ଗଛ ରହିଛି, ଯାହାକୁ ଘରେ ଲଗାଇଲେ ଦୁର୍ଭାଗ୍ୟ ବଢ଼ିବା ସହ ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଯେମିତି କି:

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ଭିତରେ ହେଉ କି ଏହାର ଆଖପାଖ ସ୍ଥାନରେ କୌଣସି କଣ୍ଟା ଜାତୀୟ ଗଛ ଲଗାଇବା ଠିକ୍ ନୁହେଁ। ଏହାଦ୍ୱାରା ପରିବାରରେ ଅଶାନ୍ତି ଦେଖାଯିବା ସହ ସଦସ୍ୟଙ୍କ ଭିତରେ ମତଭେଦ ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଘର ଅଗଣାରେ ମେହେନ୍ଦି ଗଛ ଲଗାଇବା ବି ନକାରାତ୍ମକ ଉର୍ଜାକୁ ସଞ୍ଚାର କରିଥାଏ।



✲ ଘରେ କିମ୍ବା ଅଗଣାରେ ଲାଗିଥିବା କୌଣସି ଗଛ ଯଦି ଶୁଖିଯାଇଥାଏ ତା'ହେଲେ ତାକୁ କାଟି ବାହାରେ ଫୋପାଡ଼ିଦେବା ଦରକାର। କାରଣ ଏହା ଘରେ ନକାରାତ୍ମକ ପରିବେଶ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଅଶ୍ୱତ୍ଥ ଗଛକୁ ପୂଜା କରିବାର ବିଧି ଅନେକ ସ୍ଥାନରେ ଦେଖିବାକୁ ମିଳେ ସତ, କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ଗଛ ଘରେ କିମ୍ବା ଅଗଣାରେ ଲଗାଇବା ଠିକ୍ ନୁହେଁ। ଯଦି ଘରର କାନ୍ଥରେ କିମ୍ବା ପାଚେରିରେ ଏହା ଉଠୁଥିବାର ଲକ୍ଷ୍ୟ କରନ୍ତି, ତୁରନ୍ତ ତାହାକୁ କାଟିଦେବା ଆବଶ୍ୟକ।

✲ ଘରେ କଇଁଆ ଗଛ ରହିବା ବି ଉଚିତ ନୁହେଁ। ଯେହେତୁ ଏହି ଗଛରେ ଦୁଷ୍ଟ ଶକ୍ତି ବାସ କରୁଥିବାର ବିଶ୍ୱାସ ରହିଛି, ତେଣୁ ଏହି ଗଛ ଘରେ କି ବାଡ଼ିରେ ରହିଲେ ପରିବାରରେ ଭୟର ବାତାବରଣ ସୃଷ୍ଟି ହୋଇଥାଏ।

✲ ଖଜୁରି ଗଛ ଦେଖିବାକୁ ସୁନ୍ଦର ଲାଗେ ସତ କିନ୍ତୁ ଏହାକୁ ଘରେ ଲଗାଇଲେ ଆର୍ଥିକ ସ୍ଥିତି ବିଗିଡ଼ିଯାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨ - ୮

**ମେଷ**
ଶାରୀରିକ ସୁସ୍ଥତା, ରାଜନୈତିକ ଉଷ୍ଣତା, ସାମାଜିକ ସମ୍ମାନ, ଅର୍ଥନୈତିକ ଅଭିବୃଦ୍ଧି, ବିବାଦର ଅବସାନ, ନୂତନ ଯୋଜନାରମ୍ଭ, ଗବେଷଣାରେ ଅଗ୍ରଗତି, ବିଦେଶ ଯାତ୍ରାର ସୁଯୋଗ, ଅନୁକୂଳ ପରିବେଶ, ପବ୍ଲିକେଶନରେ ସମସ୍ୟା, ପାରିବାରିକ ଶାନ୍ତି।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା, ପ୍ରିୟଜନଙ୍କ ସହ ମନୋମାଳିନ୍ୟ, ନୂତନ କର୍ମାରମ୍ଭରେ ବାଧା, ବୈଷୟିକ ସୁଖ, ପାରିବାରିକ ସମସ୍ୟା, ବ୍ୟବସାୟରେ ଉନ୍ନତି, ସହକର୍ମୀଙ୍କ ମିଥ୍ୟାଭିଯୋଗ, ସାମ୍ବାଦିକତାରେ ଗୌରବ, ପ୍ରଶାସନିକ ସଫଳତା।

**ମିଥୁନ**
ସାମାଜିକ ପ୍ରତିଷ୍ଠା, ନୂତନ କର୍ମସଂସ୍ଥାନ, ଗୃହାରମ୍ଭରେ ବିବାଦ, ଯାନବାହନାଦି ଲାଭ, ସ୍ୱାସ୍ଥ୍ୟଗତ ବୈଷମ୍ୟ, ହିତୈଷୀଙ୍କ ପରାମର୍ଶ, ଯନ୍ତ୍ରପାତି ମରାମତି, ସମସ୍ୟାର ସମାଧାନ, ସଙ୍ଗୀତ ସାଧନାରେ ରୁଚି।

**କର୍କଟ**
ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପରୋକ୍ଷ ଶତ୍ରୁତା, ଅର୍ଥନୈତିକ ସଂକଟ, ଅପରାଧର ଅଭିଯୋଗ, ନୂତନ ଉଦ୍ୟୋଗ ଆରମ୍ଭ, ବନ୍ଧୁଙ୍କ ସହଯୋଗ, ବାକ୍ ଅସଂଯମତାରୁ କଳହ।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ରଶଂସନୀୟ କାମ କରିବେ, ଅତୀତ ସମସ୍ୟା ମୁଣ୍ଡ ଟେକିବ, ପାରିବାରିକ ଅଶାନ୍ତି, ବନ୍ଧୁଙ୍କ ମିଥ୍ୟାଭିଯୋଗ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଶେୟାର ବଜାରରେ ଉନ୍ନତି, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ମକଦ୍ଦମାରେ ବିଜୟ, ବ୍ୟୟବୃଦ୍ଧିର ଅନୁଚିନ୍ତା।

**କନ୍ୟା**
ଅର୍ଥନୈତିକ ପ୍ରଗତି, ମାନବିକ ମୂଲ୍ୟବୋଧ ବୃଦ୍ଧି, ସ୍ଥଗିତକାର୍ଯ୍ୟାରମ୍ଭ, ଶିକ୍ଷାରେ ସଫଳତା, ସାହିତ୍ୟ କୃତିରୁ ପ୍ରଶଂସା, ପାରିବାରିକ ବିବାଦ, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ସାଂଗଠନିକ ସଫଳତା, ଅର୍ଥନୈତିକ ସଂସ୍କାର।

**ତୁଳା**
ଉନ୍ନତ ଚିନ୍ତା, ଆନୁସଙ୍ଗିକ ସହଯୋଗ, ସାମୟିକ ଅସୁସ୍ଥତା, ନିର୍ଭରଶୀଳ ହୋଇପାରନ୍ତି, ମନୋରଞ୍ଜନରେ ବିମୁଖତା, ଯନ୍ତ୍ରପାତି କ୍ରୟ, ରଚନାତ୍ମକ କାର୍ଯ୍ୟାରମ୍ଭ, ସଭାସମିତିକୁ ନିମନ୍ତ୍ରଣ, ଦୂରଯାତ୍ରା ଯୋଜନା, ପାରିବାରିକ ମତାନ୍ତର।

**ବିଛା**
ଦୈହିକ ଦୁର୍ବଳତା, ପ୍ରିୟଜନଙ୍କ ବିଚ୍ଛେଦ, ପାରିବାରିକ ଅଶାନ୍ତି, କର୍ମଚାରୀଙ୍କ ଅନୁରକ୍ତି, ପରିସ୍ଥିତିର ତାଡ଼ନା, ବୈପ୍ଳବିକ ଚିନ୍ତାଧାରା, ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବ, ବ୍ୟବସାୟରେ ଉନ୍ନତି, ଭ୍ରାତୃସମ୍ପର୍କରେ ଫାଟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ।

**ଧନୁ**
ଅର୍ଥନୈତିକ ଅବରୋଧ, ଭିଜିଲାନ୍ସ ଧରପଗଡ଼, ମାନସିକ ଅସ୍ଥିରତା, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତାଚେତନା, ଯାନବାହନରେ ସମସ୍ୟା, ସନ୍ତାନଙ୍କ ଭିତରେ ଅସନ୍ତୋଷ, ରୋଗପୀଡ଼ା ବୃଦ୍ଧି, ପରିବହନରେ ଲାଭ।

**ମକର**
କର୍ମକ୍ଷେତ୍ରରେ ପଦୋନ୍ନତି, ମୋଟାଅଙ୍କର ପ୍ୟାକେଜ୍, ବନ୍ଧୁମିଳନ, ବକେୟା ଅର୍ଥ ଲାଭ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ଦୂରଯାତ୍ରା, ରାଜନୈତିକ ସଫଳତା, ସଭାସମିତିରେ ସମ୍ମାନ, ପର୍ଯ୍ୟଟନର ସୁଯୋଗ।

**କୁମ୍ଭ**
ପରିସ୍ଥିତି ବଦଳିବ, ନୂଆ ବନ୍ଧୁ ଜୁଟିବେ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଗୃହ ସଜ୍ଜୀକରଣ, ଆତ୍ମୀୟଙ୍କ ପରାମର୍ଶ, କଚେରି ମାମଲା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶାସନିକ ତତ୍ପରତା, ପୁରୁଣା ରୋଗରୁ ଆରୋଗ୍ୟ ଲାଭ, ବିଦେଶଯାତ୍ରାର ସୁଯୋଗ।

**ମୀନ**
ଆର୍ଥିକ ଉନ୍ନତି, ପରୋକ୍ଷ ଶତ୍ରୁତା, ସ୍ଥଗିତ କର୍ମାରମ୍ଭ, ଉପରିସ୍ଥଙ୍କ ଅନୁକମ୍ପା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ସହକର୍ମୀଙ୍କ ସହଯୋଗ, ପରିବାରରେ ମତ ପାର୍ଥକ୍ୟ, ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ବ୍ୟବସାୟରେ ପ୍ରତିବନ୍ଧକ।

# ସ୍ୱାସ୍ଥ୍ୟୋପଯୋଗୀ କିୱି

ଖଟା-ମିଠା ସ୍ୱାଦଭରା କିୱିର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଖୁବ୍ ରହିଛି। ଏଥିରେ ପୋଟାସିୟମ୍, ଫାଇବର୍, ଭିଟାମିନ୍ ସି, ଭିଟାମିନ୍ ଇ ପରି ବହୁ ଗୁଣକାରୀ ତତ୍ତ୍ୱ ଭରି ରହିଥିବାରୁ ଏହାକୁ ଖାଇଲେ ନାନାଦି ରୋଗରୁ ମୁକ୍ତି ମିଳିବା ସହ ଶରୀରର ଓଜନ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଆଖି ସମ୍ବନ୍ଧୀୟ ରୋଗରୁ ବି ଏହା କେତେକାଂଶରେ ସୁରକ୍ଷା ପ୍ରଦାନ କରିଥାଏ। ନିୟମିତ ଏହାକୁ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହେବା ସହ ଜାଳିଜାଳିଆ ସମସ୍ୟା ଥିଲେ ତାହା ବି ଧୀରେ ଧୀରେ ଠିକ୍ ହୋଇଯାଏ। କିୱି ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ହୃଦ୍ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ମଧ୍ୟ ଏହା ରୋକିଥାଏ। ଶରୀରରେ ଥିବା ଧମନୀକୁ ଏହା ମଜଭୁତ୍ କରିବା ସହ ବ୍ଲଡ୍ କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବି ସହାୟକ ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ନିୟମିତ କିୱି ଖାଇଲେ ସୁଫଳ ମିଳେ। କେବଳ ସେତିକି ନୁହେଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ତ୍ୱଚାରେ ଚମକ୍ ଆଣିବା ତଥା କେଶକୁ ସୁସ୍ଥ ରଖିବାରେ ବି କିୱିର ଭୂମିକା ଖୁବ୍ ରହିଛି ବୋଲି ବିଶ୍ୱାସ କରାଯାଏ। ତା'ଛଡ଼ା କିୱି ଖାଇବାର ପ୍ରକୃଷ୍ଟ ସମୟ ହେଉଛି ସକାଳ ବେଳା। ଯେହେତୁ ଏଥିରେ ଖଟା ଅଂଶ ରହିଥାଏ ; ତେଣୁ ଏହାକୁ ସକାଳ ଜଳଖିଆ ଖାଇସାରିବା ପରେ ଖାଇଲେ ଫାଇଦା ମିଳିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି।



# ପାଠକୀୟ

✲ ଦେଶମାତୃକାର ସେବା କରିବା ପାଇଁ, ଦେଶକୁ ସୁରକ୍ଷା ଦେବା ଲଗି ସବୁ ସମୟରେ ଅନେକ ଦେଶଭକ୍ତ ପ୍ରାଣବଳୀ ଦେଇଥାନ୍ତି। ତାଙ୍କ ଜନ୍ମମାଟି, ତାଙ୍କ ଗାଁ ସେମାନଙ୍କ ପାଇଁ ଗର୍ବ କରେ। ଏମିତି କିଛି ଗାଁ ରହିଛି ଯେଉଁ ଗାଁର ଅଧିକାଂଶ ଯୁବପିଢି ଦେଶସେବାରେ ନିୟୋଜିତ। ତେଣୁ 'ସଂଗ୍ରାମୀଙ୍କ ଗାଁ'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ବାସ୍ତୁ ଅନୁଯାୟୀ ଘରର ରଙ୍ଗ', 'ଘରେ କେଉଁ ଜିନିଷ ରଖିବେ ନାହିଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

– ସ୍ୱପ୍ନାଶ୍ରୀ ପ୍ରଧାନ, ସମ୍ବଲପୁର

✲ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ 'ସଂଗ୍ରାମୀଙ୍କ ଗାଁ' ଶୀର୍ଷକ ପାଠଟି ଯେତିକି ପ୍ରେରଣାଦାୟୀ ଥିଲା ସେତିକି ମନଛୁଆଁ ବି ହୋଇଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଜମ୍ପସୁଟ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକାର ବସନ୍ତ ଦାସଙ୍କ ଜୀବନୀ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଲା।

– ମୋନିକା ସାହୁ, ରାଉରକେଲା

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ବାଜୁରୀ ଘଣ୍ଟି' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ନୂଆ ଲୁକ୍‌ରେ ଭିକି', 'କେବଳ ମହେଶଙ୍କ ପାଇଁ, 'ପ୍ରଥମ ପସନ୍ଦ ଜାହ୍ନବୀ' ଓ 'ପ୍ରସ୍ତୁତ ହେଉଛନ୍ତି ସୁଧାକର' ଆଦି ପାଠଗୁଡ଼ିକ ରୋଚକପୂର୍ଣ୍ଣ ଲାଗୁଥିଲା। କବି, ସ୍ତମ୍ଭକାର ତଥା ପ୍ରଶାସନିକ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ହୃଦୟସ୍ପର୍ଶୀ ଥିଲା।

– ରାନୁ ପାଢୀ, ଭବାନୀପାଟଣା

✲ 'ସ୍କୁଲ ଏମିତି ବି' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ମୁକ୍ତି ଖୁବ୍ ସୁନ୍ଦରୀ ଲାଗୁଥିଲେ। 'ଅନନ୍ୟ ହିଲ୍‌ଷ୍ଟେଶନ ପଞ୍ଚଗନି' ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଦୁର୍ବଳତା ପାଲଟିଲା ଶକ୍ତି' ଓ 'ଚାରିଚକିଆ ବାଇକ୍' ଆଦି ପାଠଗୁଡ଼ିକ ବେଶ୍ ରୋଚକପୂର୍ଣ୍ଣ ଥିଲା।

– ପ୍ରୀତିରାଣୀ ମହାନ୍ତି, କଟକ

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ସ୍ୱାହା' ଶୀର୍ଷକ ଆଲେଖ୍ୟଟି ନିଆରା ଲାଗିବା ସହ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରଙ୍ଗିନ ମହଲ', 'କାର୍ଡବୋର୍ଡରେ ପୂର୍ବଜଙ୍କ ରୂପ' ଏବଂ 'ଏତେ ବଡ଼ ବାଦୁଡ଼ି' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ଲାଗିବା ସହ ତଥ୍ୟପୂର୍ଣ୍ଣ ଥିଲା।

– ରବିଶଙ୍କର ପଣ୍ଡା, ମୟୂରଭଞ୍ଜ

## ବିଶେଷ ଚିଠି



ସଂଗ୍ରାମୀଙ୍କ ଗାଁକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ନିଆରା
ମନେ ଭରିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ଥିଲା ସାଥୀ,
ସିନେମା ଓ ସହରଠୁ ଦୂର,
ମନ କିଣି ନେଉଥିଲା ପୁଣି
ତୁମ ସାଥୀର ଉତ୍ତର।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ମୋ ଚାମ୍ପିୟନ୍।

– ସୁକାନ୍ତି ସୁଚରିତା ଷଡ଼ଙ୍ଗୀ, ଖୋର୍ଦ୍ଧା

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କୁନି ପ୍ରବଚକ

**ଅଝଟ ହେବା ବୟସରେ ଏମାନେ କିନ୍ତୁ ଥିଲେ ଖୁବ୍ ଶାନ୍ତ ଓ ସରଳ । ଆଈମା' କାହାଣୀ ଶୁଣିବା ବଦଳରେ ଏମାନେ ଶୁଣୁଥିଲେ ହରିକଥା । ତାଙ୍କ କୁନି ପାଟିରୁ ଶୁଣିବାକୁ ମିଳୁଥିବା ବେଦ, ଶ୍ଳୋକ, ମନ୍ତ୍ର ମନ ମୋହିନେଉଥିଲା। ବୟସ ବଢ଼ିବା ସହିତ ସେମାନଙ୍କର ଆଧ୍ୟାତ୍ମିକ ଜ୍ଞାନ ବି ବଢ଼ିଲା । ସେମାନେ ବିଭିନ୍ନ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରି ସମସ୍ତଙ୍କର ମନ ଜିଣିଲେ, ଆଉ ପାଲଟିଗଲେ କୁନି ପ୍ରବଚକ...**

## ଭଗବତ୍ ପ୍ରେମରେ ଭଉଣୀଭାଇ

ଯାଜପୁର ଟାଉନ୍ ବିବିସରାଇ ଅଞ୍ଚଳର **ସାଇ ଆଦ୍ୟଜ୍ୟୋତି ଓ ଅଭିରାମ** ହେଲେ ଆଦିତ୍ୟ ଏବଂ ଜ୍ୟୋତିପ୍ରଭା ଦାଶଙ୍କର ଦୁଇ ସୁଯୋଗ୍ୟ ସନ୍ତାନ। ଝିଅ ଆଦ୍ୟଜ୍ୟୋତିଙ୍କୁ ଏବେ ବୟସ ୧୩ ବର୍ଷ ହୋଇଥିବାବେଳେ ପୁଅ ଅଭିରାମଙ୍କୁ ବୟସ ମାତ୍ର ୯ ବର୍ଷ। ଯାଜପୁର ଟାଉନସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଆଦ୍ୟଜ୍ୟୋତି ଷ୍ଟାଣ୍ଡାର୍ଡ-୯ ଓ ଅଭିରାମ ଷ୍ଟାଣ୍ଡାର୍ଡ-୪ରେ ଅଧ୍ୟୟନ କରୁଛନ୍ତି। ଯେଉଁ ବୟସରେ ପିଲାମାନେ ଖେଳକୁଦରେ ମାତିବା କଥା ସେ ବୟସରେ କିନ୍ତୁ ଏହି ଦୁଇ ଭଉଣୀଭାଇ ଭାଗବତ, ରାମାୟଣ, ମହାଭାରତ, ରାମଚରିତ ମାନସ, ବିଷ୍ଣୁ ପୁରାଣ ଭଳି ପୌରାଣିକ କଥାବସ୍ତୁ ଉପରେ ଜ୍ଞାନ ଆହରଣ କରିବା ସହ ତାହାକୁ କଣ୍ଠସ୍ଥ ମଧ୍ୟ କରିସାରିଛନ୍ତି। ତା'ସହିତ ବିଭିନ୍ନ ମଞ୍ଚରେ ପ୍ରବଚନ ଓ ହରିକଥା ପରିବେଷଣ କରି ଜିଲା ଓ ରାଜ୍ୟ ସ୍ତରରେ ଅନେକ କୃତିତ୍ୱ ହାସଲ କରିଛନ୍ତି। ସାଇ ଆଦ୍ୟଜ୍ୟୋତି ଅଦ୍ୟାବଧି ଶ୍ରୀମଦ୍ ଭଗବଦ୍ ଗୀତାର ଅଷ୍ଟାଦଶ ଅଧ୍ୟାୟ ମଧ୍ୟରୁ ତ୍ରୟୋଦଶ ଅଧ୍ୟାୟ ଯାଏ ଓ ଅଭିରାମ ଏକାଦଶ ଅଧ୍ୟାୟ ଯାଏ ମୁଖସ୍ଥ କରିସାରିଲେଣି। ତା'ଛଡ଼ା ସାଇ ଆଦ୍ୟଜ୍ୟୋତିଙ୍କୁ ଯେତେବେଳେ ମାତ୍ର ୧୦ ବର୍ଷ ବୟସ ହୋଇଥିଲା ସେତେବେଳେ ସିଏ ଭଗବଦ୍ ଗୀତାର ଦ୍ୱାଦଶ ଅଧ୍ୟାୟର ୧୭ ଗୋଟି ଶ୍ଳୋକକୁ ମାତ୍ର ୧ ମିନିଟ୍‌ରେ ଗାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହାର କିଛିଦିନ ପରେ ପୁନର୍ବାର ସିଏ ମାତ୍ର ୯ ମିନିଟ ଭିତରେ ୧୧୧ ଗୋଟି ଶ୍ଳୋକକୁ ଗାଇ ନୂଆ ଏକ ରେକର୍ଡ କରିଥିଲେ; ଯେଉଁଥିପାଇଁ ତାଙ୍କୁ ମିଳିଥିଲା ଅନେକ ପ୍ରଶଂସା ଓ ସମ୍ମାନ। ବଡ଼ ଭଉଣୀର ପଦାଙ୍କ ଅନୁସରଣ କରି ଏବେ ସାନ ଭାଇ ଅଭିରାମ ବି ସେମିତି କିଛି ରେକର୍ଡ କରିବାକୁ ନିଜର ଚେଷ୍ଟା ଜାରି ରଖିଛନ୍ତି। ଏଥିସହିତ ଭଉଣୀ ସଙ୍ଗେ ମିଶି



ପ୍ରତିଦିନ ଘରେ ହରିକଥା ଆଲୋଚନା କରିବା ସହ ଯେଉଁଠୁ ଡକରା ଆସୁଛି ସେଠାକୁ ଯାଇ ବିଭିନ୍ନ ଆଧ୍ୟାତ୍ମିକ କଥା ଲୋକଙ୍କୁ ବୁଝାଉଛନ୍ତି। ଯେଉଁଥିପାଇଁ ସେମାନଙ୍କୁ ଜିଲା ତଥା ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏହାଛଡ଼ା ଅନେକ ଘରୋଇ ଓଡ଼ିଆ ଟିଭି ଚ୍ୟାନେଲ୍‌ରେ ମଧ୍ୟ ସେମାନଙ୍କର ସଫଳତାର କାହାଣୀ ପ୍ରସାରିତ ହୋଇଛି। ତେବେ ନିଜ ସଫଳତାର କାହାଣୀ ସମ୍ପର୍କରେ ପଚାରିବାରୁ ଉଭୟ ଭଉଣୀଭାଇ କୁହନ୍ତି, 'ପିଲାଦିନେ ଆମକୁ ଆମ ଜେଜେ ଅକ୍ଷୟ ଦାଶ ବିଭିନ୍ନ ଧର୍ମଗ୍ରନ୍ଥ ପଢ଼ି ଶୁଣାଉଥିଲେ ଆଉ ତାକୁ ଖୁବ୍ ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ; ଯାହା ଆମର ମନେ ରହିଯାଉଥିଲା। ଧୀରେ ଧୀରେ ବଡ଼ ହେବା ପରେ ଆମେ ନିଜେ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ପଢ଼ି ନୂଆ ନୂଆ କଥା ଜାଣିବାକୁ ଚେଷ୍ଟା କଲୁ। କ୍ରମେ ଏହା ଆମର ଅଭ୍ୟାସରେ ପରିଣତ ହୋଇଗଲା। ତା'ଛଡ଼ା ଆମ ବାପା ହେଲେ ଅଭିରାମ ପରମହଂସଙ୍କର ଜଣେ ଭକ୍ତ। ତେଣୁ ପିଲାଦିନୁ ସାଧୁସନ୍ଥଙ୍କ ସଙ୍ଗେ ମିଶିବା ସେମାନଙ୍କଠାରୁ ବିଭିନ୍ନ ଆଧ୍ୟାତ୍ମିକ କଥା ଶୁଣିବାର ସୁଯୋଗ ଆମେ ପାଇଥିଲୁ; ଯାହାକି ଆମକୁ ପ୍ରେରଣା ଦେଇଥିଲା ଏହି ରାସ୍ତାରେ ଆଗେଇବାକୁ।' ତେବେ ଭଜନ ସମ୍ରାଟ ଭିକାରୀ ବଳଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିବା ଏହି ଦୁଇ କୁନି ଭଉଣୀଭାଇ ପ୍ରବଚନ ଓ ହରିକଥାରୁ ଯାହାବି ଅର୍ଥରାଶି ପାଇଥାନ୍ତି ତାହାକୁ ମା' ବିରଜା ମନ୍ଦିର ହୁଣ୍ଡିରେ ପ୍ରଦାନ କରିଥାନ୍ତି; ଯାହାକି ସେମାନଙ୍କର ଆଉ ଏକ ମହତ୍ କାର୍ଯ୍ୟ। ଆଉ ଯେଉଁଥିପାଇଁ ସମଗ୍ର ଯାଜପୁରବାସୀ ଓ ମା' ବିରଜା ସେବା ମଣ୍ଡଳୀ ତାଙ୍କୁ ଉଚ୍ଚ ପ୍ରଶଂସା କରିଥାନ୍ତି।

## କୁନି ପ୍ରବଚକ କେଶବ

**କେଶବ ଦାସ ଦ୍ୱିତୀକୃଷ୍ଣ**; ଯିଏ କି କୁନି ପ୍ରବଚକ ଭାବେ ସାରା ରାଜ୍ୟରେ ବେଶ୍ ପରିଚିତ। ହରିଙ୍କ ନାମ ଜପରୁ ତାଙ୍କ ଦିନ ଆରମ୍ଭ ହୁଏ ଆଉ ଶେଷ ବି ସେଇଥିରେ ହୁଏ। ନିଜର ସୁଖଦୁଃଖ, ଭଲମନ୍ଦ ସବୁକିଛିକୁ ହରିଙ୍କ ପାଦତଳେ ସମର୍ପି ଦେଇଥିବା ଏହି ବିସ୍ମୟ ବାଳକଙ୍କର ଜନ୍ମ କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅନ୍ତର୍ଗତ ଅଣତିରା ଗାଁରେ। ତାଙ୍କ ପରିବାରରେ ସମସ୍ତେ ଥିଲେ ଈଶ୍ୱର ବିଶ୍ୱାସୀ। ତାଙ୍କ ମା' ମାର୍ଣିକ ଓ ବାପା ମନୋଜ କୁମାର ଦାସଙ୍କର ଆରାଧ୍ୟ ଦେବତା ହେଲେ ଠାକୁର ଶ୍ରୀ ଶ୍ରୀ କେଶବଚନ୍ଦ୍ର। ତାଙ୍କରି ଆଶୀର୍ବାଦରୁ ପୁଅ ଜନ୍ମ ହୋଇଥିବାରୁ ସେହିଁ ହିଁ ତାଙ୍କ ନାମ ରଖିଲେ କେଶବ ଦାସ ଦ୍ୱିତୀକୃଷ୍ଣ। ପ୍ରତିଦିନ ଘରେ ଭଜନ, କୀର୍ତ୍ତନ ସାଙ୍ଗକୁ ଟିଭିରେ ଭକ୍ତିଭରା କାର୍ଯ୍ୟକ୍ରମ ଦେଖିବା ଥିଲା ଉଭୟ ମାଣିକ ଓ ମନୋଜଙ୍କର ଅଭ୍ୟାସ; ଯାହାର ଖୁବ୍ ପ୍ରଭାବ ଶିଶୁ କେଶବଙ୍କ ଉପରେ ମଧ୍ୟ ପଡ଼ିଥିଲା। ମାତ୍ର ୨ ମାସ ବୟସରୁ ହିଁ ଟିଭିରେ କୌଣସି ଭକ୍ତି ଗୀତ ବାଜୁଥିଲେ, କେଶବଙ୍କ ନଜର ସେ ଦିଗକୁ ଚାଲି ଯାଉଥିଲା। ଅପଲକ ନୟନରେ ସେ ଟିଭିକୁ ସେମିତି ଚାହିଁ ରହୁଥିଲେ। ଟିଭି ବନ୍ଦ କରିଦେଲେ କାନ୍ଦି ଉଠୁଥିଲେ। ହୁଏତ ଏହା ହିଁ ଥିଲା କୁନି ପ୍ରବଚକ କେଶବଙ୍କ ଆଧ୍ୟାତ୍ମିକ ମୋହର ପ୍ରଥମ ଲକ୍ଷଣ। ଧୀରେ ଧୀରେ ବୟସ ବଢ଼ିଲା। କେଶବଙ୍କୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ହୋଇଥିଲା, ସେ ଜିଦି କଲେ ଗାଁରେ ହେଉଥିବା ପାଲା ଦେଖିବାକୁ ଯିବାକୁ। ବାଧ ହୋଇ ତାଙ୍କ ବାପା ରାଜି ହେଲେ କିନ୍ତୁ ସର୍ତ୍ତ ରଖିଲେ, ବାଟରେ ଗଲାବେଳେ କେଶବଙ୍କୁ ଯାହା ସିଏ କହିବେ, ଯଦି କେଶବ ସେ ସବୁକୁ ପାଲା ମଞ୍ଚରେ ଶ୍ରୋତା ମଣ୍ଡଳୀଙ୍କ ଆଗରେ ନିର୍ଭୁଲ୍ ଭାବେ କହିଦେବେ ତା'ହେଲେ ସିଏ ତାଙ୍କୁ ପାଲା ଦେଖିବାକୁ ନେଇଯିବେ। ଆଶ୍ଚର୍ଯ୍ୟର କଥା କେଶବଙ୍କ ବାପା ସେଦିନ ବାଟରେ ଗଲାବେଳେ ଯାହା କିଛି ଆଧ୍ୟାତ୍ମିକ କଥା ତାଙ୍କୁ କହିଥିଲେ, କେଶବ ସେସବୁକୁ ନିର୍ଭୁଲ୍ ଭାବେ ଅନର୍ଗଳ ମଞ୍ଚରେ କହି ଚାଲିଲେ। ଏକଥା କେବଳ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ନୁହଁ ଖୋଦ୍ କେଶବଙ୍କ ବାପାଙ୍କୁ ବି ଆଶ୍ଚର୍ଯ୍ୟ କରିଦେଇଥିଲା ଯେ, ଏତେ କୁନି ପିଲାଟେ କେମିତି ଏତେ କଥା ଖୁବ୍ କମ୍ ସମୟରେ ମନେ ରଖିପାରିଲା। ବାସ୍ ତା'ପରଠୁ ଧୀରେ ଧୀରେ କେଶବଙ୍କ ଭିତରେ ଅନେକ ପରିବର୍ତ୍ତନ ଦେଖାଗଲା। ଯେଉଁ ବୟସରେ ପିଲାମାନେ ମାଟି, ଧୂଳିରେ ଖେଳି ଅଝଟ ହେବା କଥା, ସେ ବୟସରେ କିନ୍ତୁ କେଶବଙ୍କର କୌଣସି ଖେଳଣାରେ ମନ ଲାଗୁ ନ ଥିଲା। ଘରେ ଭଉଣୀଭାଇ ଥିଲେ ଝଗଡ଼ା ଲାଗିବା ସ୍ୱାଭାବିକ, କିନ୍ତୁ କେଶବ ତାଙ୍କ ବଡ଼ ଭଉଣୀଙ୍କ ସହ କେବେବି ଝଗଡ଼ା କରୁ ନ ଥିଲେ। ଶାନ୍ତ ହେଲେ ବି ନିର୍ଭୀକ ସ୍ୱଭାବର ଥିଲେ କେଶବ। ଖୁବ୍ ଛୋଟ ବେଳୁ ବିନା ତାଲିମରେ ତବଲା ବଜାଇବା, ହାରମୋନିୟମ ବଜାଇବାରେ ତାଙ୍କର ରୁଚି ରହୁଥିଲା। ତା'ସହିତ ଟିଭିରୁ ବିଭିନ୍ନ ପ୍ରବଚନ ଶୁଣିବା, ଭକ୍ତିଭରା କାର୍ଯ୍ୟକ୍ରମ ଦେଖିବାକୁ ବି ସେ ପସନ୍ଦ କରୁଥିଲେ।





ଅଭିରାମ ଓ ସାଇ ଆଦ୍ୟଜ୍ୟୋତି



ଚାରଣ ରାମଦାସଙ୍କ ପ୍ରବଚନ ଶୁଣିବା ଖୁବ୍ ପ୍ରିୟ ଥିଲା ତାଙ୍କର। ପରେ ପରେ ଘର ଲୋକଙ୍କ ସହ ହରିକଥା ଆଲୋଚନା କରିବା, ପ୍ରଭୁଙ୍କ ବିଷୟରେ ଯିଏ ଯାହା ପଚାରିଲେ ନିର୍ଭୟରେ ଅନର୍ଗଳ କହିବାର ଲକ୍ଷଣ ତାଙ୍କଠାରେ ଦେଖାଗଲା। କ୍ରମେ ପାଠପଢା ବୟସ ହେବାରୁ କେଶବଙ୍କ ବାପା ତାଙ୍କୁ ନେଇ କେନ୍ଦୁଝରଗଡ଼ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରକୁ ଗଲେ ବୋଧ ଶ୍ରେଣୀରେ ନାମ ଲେଖାଇବାକୁ। କିନ୍ତୁ ସେଠାକାର ପ୍ରଧାନ ଗୁରୁଜୀ ରାଜେନ୍ଦ୍ର ପ୍ରସାଦ ଅଗସ୍ତି କେଶବଙ୍କ ସହ ମାତ୍ର ପଦେ ଦୁଇ ପଦ କଥା ହେବା ପରେ କ'ଣ ଅନୁଭବ କଲେ କେଜାଣି ସେ କେଶବଙ୍କର ସିଧା ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇବାକୁ ନିଷ୍ପତ୍ତି ନେଲେ। ଭଲରେ ଶବ୍ଦ, ମାତ୍ରା ଜାଣି ନ ଥିବା କେଶବଙ୍କୁ କିନ୍ତୁ ଦ୍ୱିତୀୟ ଶ୍ରେଣୀରେ ପଢାଇବାକୁ ତାଙ୍କ ବାପାଙ୍କର ଇଚ୍ଛା ନ ଥିଲା। ହେଲେ ପ୍ରଧାନ ଗୁରୁଜୀଙ୍କର କେଶବଙ୍କ ଉପରେ ଏତେ ଭରସା ଥିବା ଦେଖି ଶେଷରେ ସେ ରାଜି ହେଲେ। ପାଠପଢା ସାଙ୍ଗକୁ କ୍ରମେ ସ୍କୁଲରେ ହେଉଥିବା ଛୋଟମୋଟ ପ୍ରୋଗ୍ରାମ୍‌ରେ କେଶବ ପ୍ରଥମେ କିଛି କିଛି ସମୟ ପାଇଁ ଆଧ୍ୟାତ୍ମିକ ଆଲୋଚନାମାନ କରିବାକୁ ଲାଗିଲେ। ଛୋଟ ପିଲାଟିର ଆଧ୍ୟାତ୍ମିକ ଦିଗରେ ଏତେ ଜ୍ଞାନ ଥିବା ଜାଣି ଧୀରେ ଧୀରେ ଆଖପାଖ ଅଞ୍ଚଳରେ କେଶବଙ୍କୁ ସମସ୍ତେ ଜାଣିଗଲେ। ଦିନେ ସ୍ଥାନୀୟ ଆନନ୍ଦପୁରସ୍ଥିତ ଶିବେଶ ଚନ୍ଦ୍ର ମିଶ୍ର ନାମକ କେଶବଙ୍କ ବାପାଙ୍କର ଜଣେ ବନ୍ଧୁ କେଶବଙ୍କ ବାପାଙ୍କୁ ପ୍ରସ୍ତାବ ଦେଲେ ଯେ, 'ଜଗତ୍‌ସିଂହପୁର ଶାରଳା ମନ୍ଦିର ନିକଟସ୍ଥ ଅଲାଣ୍ଡୋ ନାମକ ଏକ ଗାଁରେ ଅନନ୍ତ ବାସୁଦେବ ପୂଜାପାଉଛନ୍ତି। ସେଠାରେ ଏକ ରାମଚରିତ ମାନସ ହେବାର ଅଛି, ତୁମେ ତୁମ ପୁଅକୁ ନେଇକି ସେଠିକି ଯାଅ, ଦେଖିବ ତୁମ ପୁଅ ସେଠି ଭଲ ନାଁ କରିବ।' ଏତେ ଛୋଟ ପିଲାଟା କେମିତି ଏତେ ବଡ଼ ଦାୟିତ୍ୱ ତୁଲାଇପାରିବ, ସେଥିପାଇଁ କେଶବଙ୍କ ବାପା ଏ ପ୍ରସ୍ତାବରେ ଆଦୌ ହଁ ଭରି ପାରୁ ନ ଥିଲେ। କିନ୍ତୁ ତାଙ୍କ ବନ୍ଧୁ ବାଧ କରିବାରୁ ଶେଷରେ ସେ ପୁଅକୁ ନେଇ ନିର୍ଦ୍ଧାରିତ ଦିନ ଅଲାଣ୍ଡୋ ଗାଁରେ ପହଞ୍ଚିଲେ। ସତକୁ ସତ ପ୍ରଭୁଙ୍କ କୃପାରୁ ମାତ୍ର ଛଅ/ସାଢେ ଛଅ ବର୍ଷର କେଶବ ସେଦିନ ଏତେ ସୁନ୍ଦର ରାମଚରିତ ମାନସ କଲେ ଯେ, ଉପସ୍ଥିତ ଶ୍ରୋତାମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇଗଲେ। ସେଦିନ ବାପପୁଅ ଅଲାଣ୍ଡୋରେ ରାତିରେ ବିଶ୍ରାମ ନେଲେ। ପରଦିନ ସକାଳେ ଗାଁଲୋକେ ଏତେ ଖୁସି ଥିଲେ ଯେ, କେଶବଙ୍କୁ ଅନନ୍ତ ବାସୁଦେବ ଓ ମା'ଶାରଳାଙ୍କ ଦର୍ଶନ ନିମନ୍ତେ ନେଇଯାଇ କେଶବଙ୍କୁ କୁନି ପ୍ରବଚକ ଭାବେ ନୂଆ ଏକ ପରିଚୟ ଦେଇଦେଲେ। କେଶବଙ୍କର ଗାଡ଼ିରେ ଯିବାଆସିବା କଲେ ପ୍ରବଳ ବାନ୍ତି ହୁଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ସେଦିନ କେଶବ ମା' ଶାରଳାଙ୍କୁ ଦର୍ଶନ କରି ଗୋଟିଏ ପ୍ରାର୍ଥନା କରିଥିଲେ ଯେ, ତାଙ୍କର ଯେମିତି ଗାଡ଼ିରେ ଯିବାଆସିବା କଲେ ଆଉ ବାନ୍ତି ନ ହେଉ। ସତକୁ ସତ ମା'ଙ୍କ କୃପାରୁ କେଶବ ୟା' ଭିତରେ ବିଭିନ୍ନ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ହରିକଥା ତଥା ଆଧ୍ୟାତ୍ମିକ ଆଲୋଚନା କରି ଶ୍ରୋତାଙ୍କର ମନ ଜିଣିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଲେଣି। କିନ୍ତୁ ସେବେଠାରୁ ଗାଡ଼ିରେ ଯିବାଆସିବା କଲେ ତାଙ୍କର ଆଉ ବାନ୍ତି ହେଉନି; ଯାହାକି ସତରେ ଏକ ବିସ୍ମୟକର ଘଟଣା ତାଙ୍କ ପାଇଁ। ସମୟକ୍ରମେ କେଶବଙ୍କର ବିଭିନ୍ନ ଚ୍ୟାନେଲ୍‌ରେ ସାକ୍ଷାତ୍‌କାର ଓ ଧାରାବିବରଣୀ ପ୍ରସାରିତ ହୁଏ। ଲୋକେ ତାଙ୍କୁ ଆହୁରି ପସନ୍ଦ କରିବାକୁ ଲାଗନ୍ତି। ଆଉ ତା'ରି ଭିତରେ ୟୁଟ୍ୟୁବ୍‌ରୁ ସତ୍ୟାନନ୍ଦ ଦାସ ମହାରାଜଙ୍କର ପ୍ରବଚନ ଶୁଣି ତାଙ୍କୁ ନିଜର ଗୁରୁ ଭାବେ ଗ୍ରହଣ କରିନିଅନ୍ତି କେଶବ। ପରେ ପରେ ସତ୍ୟାନନ୍ଦ ଦାସ ମହାରାଜଙ୍କ ମାଧ୍ୟମରେ କେଶବ ଯାଇ ପହଁଞ୍ଚନ୍ତି ସିଦ୍ଧପୁରୁଷ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଆଶ୍ରମରେ। ସେଠାରେ କେଶବଙ୍କର ଆଧ୍ୟାତ୍ମିକ ଜ୍ଞାନ ଆହୁରି ପରିବ୍ୟାପ୍ତ ହୁଏ, ଆଉ ପରେ ସିଏ ସତ୍ୟାନନ୍ଦ ଦାସ ମହାରାଜଙ୍କଠାରୁ ବ୍ରହ୍ମଚାରୀ ଦୀକ୍ଷା ଗ୍ରହଣ କରନ୍ତି। ପୁଅର ଏଭଳି ଆଧ୍ୟାତ୍ମିକ ଜୀବନଶୈଳୀ ବିଷୟରେ ପଚାରିବାରୁ ବାପା ମନୋଜ କୁହନ୍ତି, 'ମୁଁ ନିଜେ ବି ଜାଣେନି ତା' ଭିତରେ ଏମିତି ପରିବର୍ତ୍ତନ କେମିତି ହେଲା। ସିଏ ବ୍ରହ୍ମଚାରୀ ଦୀକ୍ଷା ଗ୍ରହଣ କଲା, ସେଥିପାଇଁ ମୋର ଦୁଃଖ ନାହିଁ। କାରଣ ତା'ଉପରେ ପ୍ରଭୁଙ୍କର ଆଶୀର୍ବାଦ ରହିଛି। ଆଉ ତାଙ୍କରି କୃପାରୁ ସେ ଏବେ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୮ମରେ ପଢୁଛି। ତା'ସହିତ ଯେତେବେଳେ ଯେଉଁଠୁ ଡକରା ଆସୁଛି, ହରିକଥା କହିବାକୁ ଯାଉଛି। ସେହି ହରି ହିଁ ତା'ର ସବୁ ଭଲମନ୍ଦ ବୁଝିବେ, ମୁଁ ନିମିତ୍ତ ମାତ୍ର।'



କେଶବ ଦାସ ଦ୍ୱିତୀକୃଷ୍ଣ

## ଦେବ ଆଶ୍ରିତ ତ୍ରିଦେବ

**ତ୍ରିଦେବ ତୀର୍ଥଙ୍କର** ; ଯିଏ ଏବେ ଭୁବନେଶ୍ୱର ୧ନଂ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର। ଭଲ ପଢ଼ିବା ସହିତ ଭଗବଦ୍ ଗୀତାର ଅନେକ ଶ୍ଳୋକ, ହନୁମାନ ଚାଳିଶା, ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଗୁରୁପାଦୁକା ସ୍ତୋତ୍ରଂ, ବିଷ୍ଣୁ ସହସ୍ର ନାମ ଆଦିକୁ ସେ କଣ୍ଠସ୍ଥ କରିସାରିଛନ୍ତି। ତା'ସହିତ ସ୍ପଷ୍ଟ ମନ୍ତ୍ର ଉଚ୍ଚାରଣ କରି ବୈଦିକ ଯଜ୍ଞ କରିବାରେ ବି ସେ ପାରଙ୍ଗମ। ଯେଉଁ ବୟସରେ ପିଲାମାନେ ମୋବାଇଲ୍ ଫୋନ୍ ଧରି ଘଣ୍ଟା ଘଣ୍ଟା ଖେଳିବା, ସାଙ୍ଗସାଥୀଙ୍କ ସହ ମଜା କରିବାରେ ସମୟ ବିତାଇଥାନ୍ତି, ସେ ବୟସରେ ତ୍ରିଦେବ କିନ୍ତୁ ପଢ଼ା ସମୟକୁ ଛାଡ଼ି ବାକି ଅନ୍ୟବେଳେ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ପଢ଼ିବାରେ ରୁଚି ରଖିଥାନ୍ତି। ଏ ନେଇ ତ୍ରିଦେବଙ୍କ ମା' ଦୀପିକା ପ୍ରିୟଦର୍ଶିନୀ ସାହୁ କୁହନ୍ତି, 'ମୋ ଶାଶୁଘର ଯାଜପୁରରେ ହୋଇଥିଲେ ହେଁ, ମୁଁ ଯେହେତୁ ପୋଲିସ ବିଭାଗରେ କାର୍ଯ୍ୟ କରେ ତେଣୁ ମୋତେ ପ୍ରଥମେ କଟକରେ କିଛିଦିନ ଓ ପରେ ଭୁବନେଶ୍ୱରରେ ଆସି ରହିବାକୁ ପଡ଼ିଲା। ସ୍ୱାମୀ ପରମାନନ୍ଦ ସାହୁ ପୋଷ୍ଟାଲ୍‌ରେ ଏଏସ୍‌ପି ଭାବେ କାର୍ଯ୍ୟ କରନ୍ତି। ତାଙ୍କର ବିଭିନ୍ନ ସ୍ଥାନକୁ ଟ୍ରାନ୍ସଫର୍ ହେଉଥିବାରୁ, ଆମେ ମା'ପୁଅ ହିଁ ଏକାଠି ରହୁ। ତେଣୁ ଛୋଟବେଳୁ ମୁଁ ଯାହା କରେ ସିଏ ମୋତେ ନକଲ କରେ। ସିଏ ଯେବେ ନୂଆ ନୂଆ ଚାଲିଲା ମୋତେ ଦେଖିଦେଖି ଗାଧୋଇ ଆସି ସୂର୍ଯ୍ୟଙ୍କୁ ନମସ୍କାର କଲା, ଚଉଁରାରେ ପାଣି ଦେଲା, ତୁଳସୀ ପାଇଲା, ଠାକୁରଙ୍କୁ ମୁଣ୍ଡିଆ ମାରିଲା। ଆଉ ଏହି ଅଭ୍ୟାସ ତା'ର ଏବେ ବି ରହିଛି। ସେମିତି ସିଏ ଯେବେ ପ୍ରଥମେ କଥା କହିଲା ତା'ର ପ୍ରଥମ ଶବ୍ଦ ଥିଲା ମା' ଓ ଦ୍ୱିତୀୟ ଶବ୍ଦ ଥିଲା ଓଁ ; ଯାହାକି ମୋତେ ଆଶ୍ଚର୍ଯ୍ୟ କରିଥିଲା। ତା'ପରେ ମୁଁ ଯେବେ ଏକ ସ୍କୁଲ୍‌କୁ ତା'ର ନର୍ସରୀରେ ଆଡ୍‌ମିଶନ୍ କରିବାକୁ ଯାଇଥିଲି, ସେଠି ପ୍ରାର୍ଥନା ଚାଲିଥିଲା। ତାଙ୍କର ଗାୟତ୍ରୀ ମନ୍ତ୍ର ବୋଲା ହେବା ବେଳକୁ ଇଏ ସ୍ୱତଃ ଗାୟତ୍ରୀ ମନ୍ତ୍ର ବୋଲିଲା। ମୋତେ ଆଶ୍ଚର୍ଯ୍ୟ ଲାଗିଲା, କାରଣ ମୁଁ ତାକୁ କେବେ ତାହା ଶିଖେଇ ନ ଥିଲି। ମୁଁ ପ୍ରତିଦିନ ବୋଲେ ହୁଏତ ସେ ଶୁଣି ଶୁଣି ତାକୁ ମନେରଖି ଦେଇଥିଲା। ବାସ୍ ତା'ପରଠୁ ମୁଁ ତାକୁ ବିଭିନ୍ନ ପ୍ରକାରର ଶ୍ଳୋକ ଶିଖାଇବାକୁ ଲାଗିଲି। କ୍ରମେ ସିଏ ନିଜେ ନିଜେ ବି ବିଭିନ୍ନ ପ୍ରକାରର ଆଧ୍ୟାତ୍ମିକ ପୁସ୍ତକ ପଢିଲା। ତା'ର ଆଈ ବି ଜଣେ ଆଧ୍ୟାତ୍ମିକା ମହିଳା। ଯେବେ ବି ସିଏ ଆସନ୍ତି ତାଙ୍କଠାରୁ ସିଏ ବିଭିନ୍ନ ଈଶ୍ୱରୀୟ କଥା ଶୁଣେ। ଆଉ କୋଭିଡ୍ ସମୟରେ ଯେତେବେଳେ ସ୍କୁଲ୍ ଛୁଟିଥିଲା, ସେହି ସମୟକୁ ସଦୁପଯୋଗ କରିବାକୁ ତ୍ରିଦେବ ବେଦର ପ୍ରାତଃକାଳୀନ ଭାଗ୍ୟ ସୁକ୍ତମ୍, ଈଶ୍ୱର ସ୍ତୁତି ପ୍ରାର୍ଥନା, ବିଷ୍ଣୁ ସହସ୍ର ନାମ, ଜଗନ୍ନାଥ ଅଷ୍ଟକମ୍ ତଥା ଭଗବଦ୍ ଗୀତାର ଗୋଟିଏ ଗୋଟିଏ ଅଧ୍ୟାୟ ମନେରଖିବାକୁ ଲାଗିଲା। ତା'ପରେ ଶହୀଦନଗରସ୍ଥିତ ଆର୍ଯ୍ୟସମାଜକୁ ଯାଇ ସେଠୁ ବି କିଛି ଆଧ୍ୟାତ୍ମିକ କଥା ଶିଖିବା ସହ ଯଜ୍ଞ ଆଦି କେମିତି ହୁଏ ଜାଣିଲା, ୨/୩ ଥର ସତ୍‌ସଙ୍ଗରେ ଭାଗ ନେଇ ଠାକୁରଙ୍କ ଗୁଣଗାନ କରିବାର ସୁଯୋଗ ପାଇଲା। ତା'ସହିତ ୟା ଭିତରେ ସେ ଅନେକ ଆଧ୍ୟାତ୍ମିକ ପ୍ରତିଯୋଗିତାରେ ଭାଗନେଇ ବହୁ ପୁରସ୍କାର ମଧ୍ୟ ପାଇସାରିଲାଣି। ତେଣୁ ମୁଁ ଭାବେ ଭଗବାନଙ୍କର ଆଶୀର୍ବାଦ ତା' ଉପରେ ରହିଛି। ସେଥିପାଇଁ ଭଲ ପଢିବା ସହ ସ୍କୁଲ୍ ଖେଳରେ ଜାତୀୟ ସ୍ତରରେ ବି ତା'ର ଭଲ ନାଁ ଅଛି। ତେଣୁ ସେହି ଈଶ୍ୱରଙ୍କ କୃପାରୁ ସେ ଯେମିତି ଭବିଷ୍ୟତରେ ଜଣେ ଭଲ ମଣିଷଟିଏ ହେବ ଏତିକି ହିଁ ମୋର କାମନା।'



ତ୍ରିଦେବ ତୀର୍ଥଙ୍କର

## ଈଶ୍ୱର ବିଶ୍ୱାସୀ ଯଥାର୍ଥ


**ଯଥାର୍ଥ ନାୟକ**, ଯିଏକି ଭୁବନେଶ୍ୱର ଲୟୋଲା ସ୍କୁଲ୍‌ରେ ନବମ ଶ୍ରେଣୀରେ ପଢନ୍ତି। ମା' ନିବେଦିତା ନାୟକ ଜଣେ ଗୃହିଣୀ ଓ ଈଶ୍ୱର ବିଶ୍ୱାସୀ। ବାପା ଜୟନ୍ତ କୁମାର ନାୟକ ଆର୍ମିରେ କାମ କରନ୍ତି। ପିଲାଦିନୁ ଯଥାର୍ଥଙ୍କର ଗୀତ ଶିଖିବାରେ ରୁଚି ଥିଲା। ସେଥିପାଇଁ ସେ ଗୁରୁ ବସନ୍ତ ପାତ୍ରଙ୍କଠାରୁ ହିନ୍ଦୁସ୍ଥାନୀ ଭୋକାଲ୍ ଶିଖିବା ଆରମ୍ଭ କଲେ। ଆଉ ଯେବେ କୋଭିଡ୍ ହୋଇ ସ୍କୁଲ୍ ବନ୍ଦ ହେଲା, ସେତେବେଳେ ସେହି ଖାଲି ସମୟକୁ ସଦୁପଯୋଗ କରିବାକୁ ତାଙ୍କୁ ତାଙ୍କ ମା' ଭଗବଦ୍ ଗୀତାର ଶ୍ଳୋକ, ବେଦ, ମନ୍ତ୍ର, ଆଦି ପଢି ମନେରଖିବାକୁ ପ୍ରବର୍ତ୍ତାଇଥିଲେ। ଯେହେତୁ ଗୀତ ତାଙ୍କର ଭଲ ହେଉଥିଲା ତେଣୁ ଖୁବ୍ ସହଜରେ ଓ ଶୀଘ୍ର ଯଥାର୍ଥ ସେସବୁକୁ କଣ୍ଠସ୍ଥ କରିନେଲେ। ଏହାଦେଖି ତାଙ୍କ ମା' ତାଙ୍କୁ ଆଉ କିଛି ଅଧିକା ଶିଖାଇବା ପାଇଁ ଶହୀଦନଗରସ୍ଥିତ ଆର୍ଯ୍ୟସମାଜକୁ ନେଇକିଗଲେ। ସେଠାରେ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ ଆହୁରି ବ୍ୟାପ୍ତ ହେଲା। ସେଠାରେ ସିଏ କାର୍ଯ୍ୟ ଯୋଗ, ସୁଲଳିତ କଣ୍ଠରେ ବେଦପାଠ କରି ଯଜ୍ଞ କରିବା, ସ୍ପଷ୍ଟ ଭାବେ ବୈଦିକ ଭଜନ ଗାଇବା ଆଦି ଶିଖିଲେ। କ୍ରମେ ବିଭିନ୍ନ ଆଧ୍ୟାତ୍ମିକ ମଞ୍ଚରେ ସଙ୍ଗୀତ ପରିବେଷଣ ସାଙ୍ଗକୁ ବେଦପାଠ ଓ ତାହାକୁ ସୁନ୍ଦର ଭାବେ ବ୍ୟାଖ୍ୟା କରିବାକୁ ସିଏ ଅନେକ ସୁଯୋଗ ପାଇଲେ ; ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁ ସମ୍ମାନ ଓ ପୁରସ୍କାର ମଧ୍ୟ ମିଳିଲା। ଏ ନେଇ ତାଙ୍କ ମା' ନିବେଦିତା କୁହନ୍ତି, 'ଯଥାର୍ଥ ଖୁବ୍ ପରିଶ୍ରମୀ ଓ ଶାନ୍ତ ସ୍ୱଭାବର। ଯାହା କହିଲେ ସେ ମାନେ। ଈଶ୍ୱରଙ୍କ ଉପରେ ତା'ର ଗଭୀର ବିଶ୍ୱାସ। ପଢାରେ ବି ଖୁବ୍ ଭଲ। ତେଣୁ ସେ ଆଜି ଯାହାବି କରୁଛି, ସେଥିରେ ଭଗବାନଙ୍କର ଆଶୀର୍ବାଦ ରହିଛି। ଭବିଷ୍ୟତରେ ସେ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ଭଗବାନଙ୍କ କୃପା ଥିଲେ ତା'ର ଆଶା ନିଶ୍ଚୟ ପୂରଣ ହେବ, ଆଉ ସେ ଜଣେ ଭଲ ମଣିଷ ହୋଇପାରିବ।'

– ଅନ୍ୱିତା ମିଶ୍ର

ତଥ୍ୟ ସହାୟତା:
ସମର ବିଜୟ ଶରଣ



ଯଥାର୍ଥ ନାୟକ





# ଏମାନେ ବି ଆର୍କିଟେକ୍ଟ

**ମଣିଷ ନିଜ ପାଇଁ ସୁନ୍ଦର ସୁନ୍ଦର ଘର ତିଆରି କରେ। ତାକୁ ସଜାଏ। ଆଉ ସୁଖରେ ଜୀବନ ବିତାଏ। ତେବେ ଖାଲି ମଣିଷ ନୁହନ୍ତି ଜୀବଜଗତରେ ଏମିତି ଅନେକ ପ୍ରାଣୀ ଅଛନ୍ତି ଯେଉଁମାନେ ନିଜ ପାଇଁ ଏମିତି ଘର ତିଆରି କରନ୍ତି ଯେ, ତା'ର କାରିଗରି ଦେଖିଲେ ବିଶ୍ୱାସ କରିହୁଏନା ଏତେ ଛୋଟ ପ୍ରାଣୀ ଏଭଳି ଘର କେମିତି କରିପାରନ୍ତି ବୋଲି। ଏଇ ଯେମିତି ବାଇ ଚଢ଼େଇ। ତେବେ ବାଇ ଚଢେଇ ବାଦ୍ ବି ଆହୁରି ଅନେକ ଚଢେଇ ଓ ପ୍ରାଣୀ ଅଛନ୍ତି ଯେଉଁମାନଙ୍କ ଘର ଦେଖିଲେ ଲାଗିବ ସତରେ ଏମାନେ ଜଣେ ଜଣେ ଆର୍କିଟେକ୍ଟ...**

**ଆପାର୍ଟମେଣ୍ଟ ପରି ବସା କରୁଥିବା ଚଢେଇ:** ଆଜିକାଲି ଗୋଟିଏ ବଡ଼ ଆପାର୍ଟମେଣ୍ଟରେ ଶହ ଶହ ଲୋକ ରହିପାରୁଛନ୍ତି। ତେବେ ଖାଲି ଯେ ମଣିଷ ଏଭଳି ରହୁଛନ୍ତି ତାହା ନୁହେଁ ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳୁଥିବା ଏକ ଚଢ଼େଇ ମଧ ମଣିଷ ପରି ଆପାର୍ଟମେଣ୍ଟ ତିଆରି କରେ। ସେହି ଚଢ଼େଇର ନାଁ ହେଉଛି ସୋସିଏବଲ୍ ୱିଭର୍ ବାର୍ଡ। ଏହି ଚଢ଼େଇ ଗଛ କିମ୍ବା କୌଣସି ଉଚ୍ଚା ସ୍ଥାନରେ ବସା ତିଆରି କରିଥାନ୍ତି। ସବୁ ଚଢ଼େଇଙ୍କ ବସାଠାରୁ ଏହାର ବସା ସବୁଠାରୁ ବଡ଼ ହୋଇଥାଏ। ଦୂରରୁ ଦେଖିଲେ ବସାଟି ଗଦାଏ ଘାସ ପରି ଲାଗେ। ହେଲେ ଏହା ମଣିଷ ରହୁଥିବା ଆପାର୍ଟମେଣ୍ଟ ସଦୃଶ ଏକ ବଡ଼ ବସା। ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ ଯୋଡ଼ା ଚଢ଼େଇ ରହିପାରନ୍ତି। କାରଣ ଏହି ବସା ଭିତରେ ଅନେକ କକ୍ଷ ଥାଏ। ଆଉ ବସାର ତଳଭାଗକୁ ଦେଖିଲେ ଅନେକ କଣା ଥିବା ପ୍ରବେଶ ଦ୍ୱାର ଦେଖିବାକୁ ମିଳେ। ଚଢ଼େଇଟି ବସାକୁ ଏଭଳି ତିଆରି କରିଥାଏ ଯେ, ବସାର ମଝିଭାଗର କୋଠରୀ ଗରମକୁ ଧରି ରଖେ। ତେଣୁ ଏହାକୁ ରାତିରେ ଶୋଇବା ପାଇଁ ବ୍ୟବହାର କରାଯାଏ। ବାହାର ପଟକୁ ଥିବା କୋଠରୀଗୁଡ଼ିକୁ ଚଢ଼େଇମାନେ ଛାଇ ପାଇବା ପାଇଁ ବ୍ୟବହାର କରନ୍ତି। ଏହି ବସାଗୁଡ଼ିକ ସହଜରେ ନଷ୍ଟ ହୁଏନା। ତେଣୁ ଗୋଟିଏ ବସାରେ ଅନେକ ପିଢ଼ି ରହିପାରନ୍ତି।







## ଘରକୁ ପିଠିରେ ନେଇ ବୁଲେ

ବ୍ୟାଗଓର୍ମ ମଥ୍ ହେଉଛି ପ୍ରଜାପତି ପ୍ରଜାତିର। ଆଉ ଏହା ମଧ୍ୟ ଏକ ଭଲ ଆର୍କିଟେକ୍ଟ। ମଥ୍‌ରେ ପରିଣତ ହେବା ସମୟରେ ବ୍ୟାଗଓର୍ମ ନିଜ ପାଇଁ ଏକ ସୁରକ୍ଷିତ ଘର ତିଆରି କରିଥାଏ। ଆଉ ତାହାକୁ ନିଜ ପିଠି ଉପରେ ରଖେ। ଆଖପାଖରେ ମିଳୁଥିବା ଛୋଟଛୋଟ କାଠରେ ସେ ଏହାକୁ ତିଆରି କରେ। ଏହି କାଠକୁ ପିଠି ଉପରେ ଗୋଟାକ ଉପରେ ଗୋଟେ ରଖି ଏକ ଟାୱାର ଭଳି କରେ। ଯେବେ ଏହା ପ୍ୟୁପା ଅବସ୍ଥାକୁ ଯାଏ ଏହି ଘର ଭିତରେ ସେ ପ୍ରବେଶ କରି ଲୁଚି ରହେ। ଆଜୀବନ ପ୍ରୟାସ କରି ସେ ଏହି ଘରକୁ ତିଆରି କରିଥାଏ। ଏହି ବ୍ୟାଗଓର୍ମ ସାରା ପୃଥିବୀରେ ଦେଖିବାକୁ ମିଳନ୍ତି।

## ଓଭାନ ବାର୍ଡର ଓଭାନ୍ ପରି ଘର

ଉତ୍ତର ଆମେରିକାରେ ଦେଖିବାକୁ ମିଳେ ଏହି ପକ୍ଷୀ। ଏହାର ନାମକରଣ ଏଭଳି ହେବା ପଛର କାରଣ ହେଉଛି ଯେ, ଓଭାନ ବାର୍ଡର ମାଟି ବସାଟି ନେଦରଲାଣ୍ଡ ଅଧିବାସୀ ବ୍ୟବହାର କରୁଥିବା ଓଭାନ ପରି। ଏହି ବସାକୁ ତିଆରି କରିବା ଲାଗି ଚଢ଼େଇଟିକୁ ଦୁଇ ସପ୍ତାହ ଲାଗେ। ପାତ୍ର ଭଳି ଗୋଲାକାର ଏହି ବସାଟିକୁ ପକ୍ଷୀଟି କାଦୁଅରେ ତିଆରି କରିଥାଏ। ଏହାର ପ୍ରବେଶ ଦ୍ୱାରରେ ଚଢ଼େଇଟି ଏକ ବକ୍ରାକାର କାନ୍ଥ ବି କରିଥାଏ। ଯଦ୍ୱାରା ଅନୁପ୍ରବେଶକାରୀ ତଥା ପରଭକ୍ଷୀ ସହଜରେ ତା' ମଧ୍ୟକୁ ପ୍ରବେଶ କରିପାରେ ନାହିଁ।

## ପ୍ରେମିକା ପାଇଁ ଘରକୁ ସଜାଉଥିବା ଚଢ଼େଇ

ବୋୱର ଚଢ଼େଇ ଦେଖିବାକୁ ଯେମିତି ସୁନ୍ଦର ସେମିତି ରଙ୍ଗିନ ମିଜାଜ୍‌ର। ମାଈ ବୋୱର ଚଢ଼େଇକୁ ଆକର୍ଷିତ କରିବା ଲାଗି ପୁରୁଷ ବୋୱର ଚଢ଼େଇ ସୁନ୍ଦର ବସା ତିଆରି କରିଥାଏ। କେବଳ ସେତିକି ନୁହେଁ ବସାଟିକୁ ଚମକ୍‌ଦାର ଓ ରଙ୍ଗୀନ ଜିନିଷରେ ସଜାଏ ମଧ୍ୟ। କୌଣସି ବାସ୍ତୁକାର ଭଳି ସେ ନିଜ ବସାକୁ ସଜାଇଥାଏ। କିଛି ମୋଟାକାଠିରେ ଏକ ଖମ୍ବ ତିଆରି କରେ। ତା'ରି ଉପରେ ଅନେକ କାଠିକୁ ସଜାଇ ରଖି ଏହି ସୁନ୍ଦର ବସା ତିଆରି କରିଥାଏ। ଏହାପରେ ଫୁଲ, ପତ୍ର, ମଞ୍ଜି ସହ ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିବା କିଛି ରଙ୍ଗିନ ସାମଗ୍ରୀରେ ବସାକୁ ସଜାଏ। ଗବେଷଣାରୁ ଜଣାଯାଇଛି ଯେ ମାଈ ବୋୱର ଚଢ଼େଇକୁ ନୀଳ ରଙ୍ଗ ବେଶୀ ଭଲ ଲାଗେ। ତେଣୁ ପୁରୁଷ ବୋୱର ଚଢ଼େଇ ନୀଳ ରଙ୍ଗର ଜିନିଷରେ ନିଜ ଘରକୁ ସଜାଇଥାଏ। ଆଉ ଫୁଲ ପତ୍ର ସୁଖିଗଲେ ସାଙ୍ଗେ ସାଙ୍ଗେ ତାକୁ ବାହାର କରି ତାଜା ଫୁଲ ପତ୍ରରେ ଘରକୁ ସଜାଏ।



# ଗୀତିକବିତା ମୋ' ଜୀବନ ସଂହିତା






"ବିରହୀଣି ଆଗୋ ନୀଳକଇଁ ତମେ ଝରାଅନା ଆଖି ଲୁହ, ଭସା ବାଦଲର ପଣତ ଉହାଡୁ ଜହ୍ନର ଚିଠି ନିଅ...।' 'ମୁଁ ଯେ ତୃଷ୍ଣାର ଚାତକି ଟିଏ ତୁମରି ପ୍ରେମର ବରଷା ଟୋପାକୁ ଆକୁଳରେ ଚାହିଁ ରହେ..।' 'ମୁଁ ଯେ କମକୁଟ କାଗଜ ଡ଼ଙ୍ଗାଟେ ତୁମେ ଛଳଛଳ ନଈ, ପ୍ରୀତିଭରା ତୁମ ଛାତି ଛୁଇଁ ଆଉ ଫେରିବାକୁ ଚାହେଁ ନାହିଁ...।' ଏହିସବୁ ଲୋକପ୍ରିୟ ଗୀତ କବିତାର ରଚୟିତା ହେଲେ **ମନୋଜ ମହାନ୍ତି।** ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। ପେସାରେ ସେ ପ୍ରଶାସନିକ ଅଧିକାରୀ, ମାତ୍ର ନିଶା ଗୀତିକବିତା ଲେଖିବା। ତାଙ୍କର ଏହି ସୃଜନଶୀଳତା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମେତ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ। ସେ କୁହନ୍ତି,'ମୋର ଜନ୍ମ ୧୯୬୦ମସିହାରେ। ମାତା ପ୍ରମିଳା ସୁନ୍ଦରୀ ମହାନ୍ତି, ପିତା ବାସୁଦେବ ମହାନ୍ତି। ଘର ଜଗତ୍‌ସିଂହପୁର ଜିଲାର ନାଉଗାଁ ବ୍ଲକ ଅନ୍ତର୍ଗତ ଗନେଇ ଗ୍ରାମରେ। ଏବେ ରହୁଛି ଭୁବନେଶ୍ୱରରେ। ଆମ ଘର ଏକ କଳା, ସାହିତ୍ୟ ଓ ସଂସ୍କୃତିସମ୍ପନ୍ନ ପରିବାର। ପିଲାଟି ଦିନରୁ ଗପ, ଗୀତ ଶୁଣିବାକୁ ଭାରି ଭଲ ପାଉଥଲି। ସ୍କୁଲବୟସରୁ ସ୍କୁଲ ମାଗାଜିନ ପାଇଁ ଗୀତିକବିତା ଲେଖିଛି। ସେବେଠାରୁ କେବଳ ଗୀତିକବିତା ରଚନା କରିଚାଲିଛି। ଯାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବାସହ ରେଡିଓ ଓ ଟିଭିରେ ପ୍ରସାରିତ ହୋଇଛି। ପ୍ରଥମେ ଗାଁସ୍କୁଲରେ ପାଠପଢ଼ାସାରି, ଅଲଣାହାଟ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପାସ କଲି। ପିଲାଦିନେ ଗାଁ ଡ୍ରାମାରେ ଅଭିନୟ କରୁଥିଲି। ପାଲା ଦାସକାଠିଆ ଆଦି ଲୋକନୃତ୍ୟ ଦେଖୁଥିଲି। ଅଧିକାଂଶ ସମୟ ରେଡିଓରୁ ଗୀତ ଶୁଣିଥାଏ। ଏଥିଯୋଗୁ ଗୀତ ଲେଖିବାକୁ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ସ୍କୁଲ ଟିପା ଖାତାରେ ଗୀତିକବିତା ଲେଖୁଥିଲି। ଏହା ମୋର ଥିଲା ସବୁଦିନିଆ ଅଭ୍ୟାସ। ଯାହା ମୋର ରେଭେନ୍‌ଶା ଓ ବାଣୀବିହାରରେ ପଢ଼ିବା ସମୟରେ ବି ବଳବତ୍ତର ଥିଲା। ପରେ ମୁଁ ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଇତିହାସ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲି। ୧୯୯୦ମସିହାରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଇ ୨୦୨୦ ମସିହାରୁ ଯୁଗ୍ମ ଶାସନ ସଚିବ ଭାବେ ସରକାରୀ ଚାକିରିରୁ ଅବସର ନେଇସାରିଛି। କିନ୍ତୁ ମୋ ଗୀତି କବିତା ଲେଖାରେ କେବେ ବି ବିରାମ ଆସି ନାହିଁ। ଯାହାର ଆରମ୍ଭ ହୋଇଥିଲା ମୋ ଗାଁ ପରିବେଶରୁ। ଯେଉଁ ଗାଁ ମୋ ସର୍ଜନାର ଉତ୍ସ। ଯିଏ ମତେ ଗୀତିକବିଭାବେ ଗଢ଼ି ତୋଳିଛି। ଆଜି ପର୍ଯ୍ୟନ୍ତ ପ୍ରାୟ ୧୩ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇପାରିଛି। ସେଥିମଧ୍ୟରୁ 'ପ୍ରତିପଳକରେ ତୁମେ' ଗୀତିକବିତା ସଙ୍କଳନ ପାଇଁ ୨୦୧୫ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି। ଗୀତିକବିତା ରଚନା ପାଇଁ ଆଜୀବନ ସାରସ୍ୱତ ସାଧକଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମଧ୍ୟ ମିଳିଛି। ସେହିପରି ଶ୍ରୀଜଗନ୍ନାଥ ଗୀତିକବି ସମ୍ମାନ, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଆ ଗୀତିକବି ସମାଜ, ଗୋକର୍ଣ୍ଣିକା, ପ୍ରଜାତନ୍ତ୍ର ପ୍ରଚାର ସମିତି ଆଦି ଏକାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଛି।

୧୯୮୮ମସିହାର କଥା, ସେତେବେଳେ ମୋର ବୟସ ପ୍ରାୟ ୨୮ବର୍ଷ ହେବ। ସମ୍ବଲପୁର ରେଡିଓ ସେଣ୍ଟରରୁ ମୋର ଏକ ଗୀତକୁ ଗୀତିସୁଧା ମେହେର ଗାଉଛନ୍ତି ଏବଂ ସଂଗୀତ ନିର୍ଦ୍ଦେଶକ ରାଧାକୃଷ୍ଣ ଭଞ୍ଜ ସ୍ୱର କରିଥିବା ଜାଣିବାକୁ ପାଇଲି। ସେଥିପାଇଁ ଥରେ ଗୀତିସୁଧା ମେହେରଙ୍କୁ ଦେଖା କରିବାକୁ ଯାଇଥିଲି। ତାଙ୍କ ଘର କଲିଂବେଲ ମାରିବାରୁ ଘରଭିତରୁ ଜଣେ ମହିଳା ଆସିଥିଲେ। ସେତେବେଳେ ତାଙ୍କୁ ପଚାରିଥିଲି ଲଳିତ ମେହେରଙ୍କ ଘର କି? ସେ ହଁ କରିଥିଲେ, ତା'ପରେ ପଚାରିଥିଲି ଗୀତିସୁଧା ମ୍ୟାଡମ ଅଛନ୍ତି, ତାଙ୍କୁ ଦେଖା କରିବାକୁ ଆସିଛି! ଏକଥା ଶୁଣି ସେ ମୋତେ ବାରମ୍ବାର ଅନାଉଥିଲେ। କିଛି ନ କହି ଘର ଭିତରକୁ ପଳାଇଥିଲେ। ପୁଣି କିଛି ସମୟ ପରେ ମତେ ଘରଭିତରକୁ ଡାକିଥିଲେ। ତାଙ୍କୁ ମୋର ପରିଚୟ ଦେଇ କହିଲି ଆପଣ ମତେ ଏତେ ବାରମ୍ବାର ଚାହୁଁଥିଲେ କାହିଁକି ?ସେ କହିଥିଲେ ତୁମେ ଯେଉଁ ଗୀତ ଲେଖିଛ, ଏହା ଜଣେ ବୟସ୍କ ଲୋକ ଲେଖିଥିବେ ବୋଲି ଭାବୁଥିଲି। ମାତ୍ର ଏତେ କମ ବୟସରୁ ତମେ ଏମିତି ଲେଖିଲ କେମିତି। ଗୀତଟି ଥିଲା– 'ସପନର ଆରପାରେ, ବେଦନାର ଝାଉଁବଣେ। ବିରହୀ ଚକରି ମୁଁ ଯେ ନୀରବରେ ଲୁହଢାଳେ...।' ସେହିପରି ଥରେ ଟ୍ରେନରେ ବଲାଙ୍ଗୀର ଯାଉଥିବାବେଳେ, ସେହି କମ୍ପାଟମେଣ୍ଟରେ ଜଣେ ଦୃଷ୍ଟିବାଧିତ ଧୁଡୁକି ଧରି– ବଡ଼ଦେଉଳରେ ରହିଛୁ କାଳିଆ, ବଡ଼ ଠାକୁର ତୁ ହୋଇ। ସାରା ଦୁନିଆରେ ସଭିଏ କହନ୍ତି ତୋପରି କିଏସେ ନାହିଁ।' ଗୀତଟିକୁ ଶୁଣି ମତେ ଭାରି ଖୁସି ଲାଗିଲା। ମୁଁ ତାଙ୍କୁ ପଚାରିଲି –କହିପାରିବ ଏହାର କଣ୍ଠଦାନ କିଏ କରିଥିଲେ ଏବଂ ଗୀତର ଗୀତିକାର କିଏ ? ସେ କହିଲେ ସେ ଏହି ଗୀତଟିକୁ ରେଡିଓରୁ ଶୁଣିକି ମନେ ରଖିଛନ୍ତି। ଏହାର କଣ୍ଠଶିଳ୍ପୀ ହେଲେ ଆଶାଲତା ଷଡ଼ଙ୍ଗୀ ଏବଂ ଗୀତିକାର ହେଲେ ମନୋଜ ମହାନ୍ତି। ଏକଥା ଶୁଣି ମୁଁ ଖୁସୀ ହୋଇ କହିଥିଲି ମୁଁ ମନୋଜ ମହାନ୍ତି। ମୋ କଥା ଶୁଣି ସେ ଖୁସିରେ ଭାବ ବିହ୍ୱଳ ହୋଇ କହିଲେ ମୋ ପ୍ରିୟ ଗୀତର ଗୀତିକାର ମୋ ସାମ୍‌ନାରେ ଅଛନ୍ତି ହେଲେ ମୋର ଦୁର୍ଭାଗ୍ୟ ମୁଁ ତାଙ୍କୁ ଦେଖିପାରୁ ନାହିଁ। ସେହି ମୁହୂର୍ତ୍ତରେ ମୁଁ ଜଣେ ଗୀତିକାର ହେବାର ସାର୍ଥକତାକୁ ଅନୁଭବ କରୁଥିଲି। ଯାହା ମୁଁ ଏବେ ବି ଭୁଲିନି। ମୋ' ମତରେ ଗୀତିକବିତା ହେଉଛି ଗାୟନ ଯୁକ୍ତ କବିତା। ଗୋଟେ ମୁହୂର୍ତ୍ତର ସ୍ଫୁଲିଙ୍ଗ, ଯାହା ମନ ଓ ହୃଦୟକୁ ଛୁଇଁଥାଏ। ହୃଦୟର କଥା କୁହେ। ଭାବନାରେ ଭିଜେଇଥାଏ, ମନ ମୁଗ୍ଧକରିବାର ମନ୍ତ୍ରଥାଏ ସେଥିରେ। ବେଦନାର ସୂକ୍ଷ୍ମସ୍ତରକୁ ଭେଦି ସ୍ପନ୍ଦିତ କରିବାର ଶକ୍ତିଥାଏ, ଦୁଃଖଯନ୍ତ୍ରଣାକୁ ଭୁଲେଇବାର ସାମର୍ଥ ଥାଏ। କହିବାକୁ ଗଲେ ଗୀତିକବିତା ମୋ' ଜୀବନ ସଂହିତା।

–ବନବିହାରୀ ବେହେରା













# ଚିନ୍ତାଧାରା



– ଲିନାରାଣୀ ଧଳମଙ୍ଗରାଜ

ସହର ସୁନ୍ଦର ଓ ସମୃଦ୍ଧ ଦିଶିବା ପାଇଁ ସରକାରୀ କୋଠାବାଡ଼ି, ମଲ୍ ଭର୍ତ୍ତି ହୋଇଗଲା କେଇଟା ଦିନରେ। ସେଥିପାଇଁ ଗଛଲତା କାଟି ସଫା କରାଗଲା। ଏବେ ଆଉ ସେହି ପୁରୁଣା ବଡ଼ବଡ଼ ଗଛ ରାସ୍ତା କଡ଼ରେ ନାହିଁ। ପ୍ରବଳ ଖରାରେ ଛାଇ ଦରକାର ବୋଲି ଜଣେ ଅନ୍ୟ ଜଣଙ୍କ ମୁହଁକୁ ଖାଲି ଅନଉଛନ୍ତି। ରାମକିଶୋର ବାବୁ ତାଙ୍କରି ଭିତରୁ ଜଣେ। ସଫା ସଫା କହି ବାଡ଼ିବଗିଚାର ସବୁ ଗଛଲତାକୁ ଅରମା କହି କାଟିସାରିଲା ପରେ ଏବେ ଥଣ୍ଡା ପାଇଁ ଛାତରେ ଧଳାଚୂନ ଲଗେଇବାରେ ବ୍ୟସ୍ତ।

ଚାକିରି ନ ସରୁଣୁ କିସ୍ତିରେ ପଇସା ଦେଇ ସହରରେ ଡୁପ୍ଲେକ୍ସ କିଣିଥିଲେ ତିରିଶ ବର୍ଷ ଆଗରୁ ଗାଁ ଘରଛାଡ଼ି। ସହରରେ ରହିଲେ ସବୁ ସୁବିଧା ସୁଯୋଗ ହାତପାହାନ୍ତାରେ ବୋଲି ଗାଁ ଘରସଜ୍ଜା ପାଇଁ ପଇସାଟିଏ ଖର୍ଚ୍ଚ କଲେନି। ଏବେ କିନ୍ତୁ ସହରୀ ଘରକୁ ଲାଗିପଡ଼ିଛନ୍ତି ଗାଁର ରୂପରେଖ ଦେବା ପାଇଁ। ସୁରେଇ ପାଣି, ମାଟିହାଣ୍ଡି ମାଂସ, ମାଟି ଗ୍ଲାସରେ ଲସି, ମାଟି କପ୍‌ରେ ଚା, କାଠଚୁଲି ରୋଷେଇ, ଚୂନାମାଛ, ମଦରଙ୍ଗା, ଲେଉଟିଆ, ଶଜନା ଓ ପିତାଶାଗ ପାଇଁ ରଙ୍କ ହେଉଛନ୍ତି। କମ ତେଲମସଲା ରନ୍ଧା, ଗାଁର ସବୁ ପୂଜାପର୍ବରେ ଦେଶୀ ଛୁଙ୍କ ଦେବାରେ ଲାଗିପଡ଼ିଛନ୍ତି।

ଏମିତି ଖାଇଲେ, ସେମିତି ରହିଲେ ମଣିଷ ସୁସ୍ଥ ଓ ମନଶାନ୍ତି ରହିବ ବୋଲି ସହରୀ ବାସିନ୍ଦା ଯେଉଁ ସକାଳୁ ସମବେତ ଯୋଗ ପ୍ରାଣାୟାମ କରୁଛନ୍ତି ସେଠାକୁ ଯାଉଛନ୍ତି। ହାତ ଉଠେଇ କୁନ୍ଥେଇ ହୋଇ ହସୁଛନ୍ତି। ସେଦିନ କାହାକୁ କହୁଥିଲେ, ଗାଁ ଭାଇଚାରା ସହରରେ କାହିଁ! ଏତେ ପରେ ବି କାହିଁ ଦେଖିଲିନି ରାମ କିଶୋର ବାବୁ ତାଙ୍କ ବୁଢ଼ୀ ମାଆ କି ଅକାଳ କରୋନାରେ ସ୍ୱାମୀ ହରେଇଥିବା ଭାଇବୋହୂ ଓ ଛୋଟ ଦୁଇଛୁଆଙ୍କୁ ଗାଁରୁ ଆଣି ସହରରେ ରଖିବା। ଶୁଣିଲିନି ବି ପଇସା ଦେଇ ଗାଁ ଘର ମରାମତି କରେଇବା।

–ଭୁବନେଶ୍ୱର,
ମୋ: ୮୨୪୯୦୮୩୪୭୭

## ସବୁ ଶୂନ୍ୟତା

–ଖଗେଶ୍ୱର ଖଣ୍ଡୁଆଳ

ଜହ୍ନକୁ ମାଗିଲି ଜ୍ୟୋତ୍ସ୍ନା
ଢାଙ୍କିଦେଲା ବାଦଲ।
ଫୁଲକୁ ମାଗିଲି ମହକ
ରାଗିଗଲା ଭ୍ରମର।
କୋଇଲିକୁ ମାଗିଲି ତା’ ମଧୁର ସ୍ୱର
କହିଲା ସେ ଫଗୁଣର।
ବର୍ଷାକୁ ମାଗିଲି ଶୀତଳ ପରସ
ଶୋଷିନେଲା ଖରାର ଉତ୍ତାପ କିରଣ।
ରାତିକୁ ମାଗିଲି ନିଦ
ଦେଖାଦେଲା ସପନ।
ଏଠି ଆଉ କାହାକୁ ବା କ’ଣ ମାଗିବି
ସମସ୍ତେ ନିଜ ନିଜ ସମ୍ପର୍କରେ ବନ୍ଧା
ମୋ’ ପାଇଁ ବାକି ଖାଲି
ଶୂନ୍ୟତା ଆଉ ଶୂନ୍ୟତା।

–ଅରିଲା, ସୋମପୁର, କଟକ
ମୋ: ୯୪୩୮୬୧୫୫୮୮

## ଶପିଂ ମଲ୍‌ରେ ଛାଇ

–ଶ୍ରୀଗୋବିନ୍ଦ

ହାତ ଧରିଥା’
ଗେହ୍ଲାପଣର ଗୁଲୁଗୁଲିରେ
ତରଳିଯିବା ଆଗରୁ
ଆଉ କେହି
ଧରିନେଇପାରେ ହାତ!

ଛାଇ ପରି ରହିପାରୁନି ବୋଲି
ଏଇ ଛାଇକୁ ବୁଲେଇ ଆଣିଛି ତୋତେ।

ଏ ଖରାର ଛାଇ ଛଅନ୍ତା କରିନେବ କାଳେ
ଲେଖେଇ ନେଇଛି ତୋ ନାଁର ଟାଟୁ।

ଖରା ହାଇଜାକ୍ କରିନେଲା ଭଳି
ମୁଁ ଜାଣିଛି ଛାଇର ଛାଇ ହୋଇ ବି
ତୋର ହୋଇପାରିବିନି କେବେ?

ତଥାପି ଏ ଶପିଂମଲ୍ ଛାଇ ଟିକେ
ଅନେକ ଭରସା ଦେଇଛି ମୋତେ।

ମୋ ଦମ୍ଭପଣରେ ଖରା ତରଳିଯାଉ ବରଂ
ତୁ ଥା’ ସେମିତି ମୋ ପ୍ରେମର ଛାଇ କୋଳରେ।

ତୁ ଏମିତି ହୃଦୟ ସାଇତି ଶୋଉଥା’ ଛାତିତଳେ
ମୁଁ ହାଇ ମାରୁଥାଏ ପ୍ରେମର ଖରାବେଳେ।

–ସାନମଛୁଆଘାଇ, ରାଜଘରପୋଖରୀ, ଭଦ୍ରକ
ମୋ: ୭୦୦୮୯୧୩୫୮୯



## ସ୍ପେଶାଲ ଗିଫ୍ଟ

ରିଚା ଚଡ୍ଢା ଏବେ ନିଜ ସ୍ପେଶାଲ ଗିଫ୍ଟ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି । ତାଙ୍କୁ ଏହି ଉପହାରଟି କିଏ ଦେଇଛନ୍ତି ଜାଣନ୍ତି ? ତାଙ୍କର ଅନ୍ତରଙ୍ଗ ବାନ୍ଧବୀ ସୋହାନା, ଯିଏ ବିଦେଶରେ ଏବେ ଜୁଏଲାରୀ ବିଜନେସ ସହ ଜଡିତ । ଏ ବିଷୟରେ ସେ କହନ୍ତି, 'ଆକ୍ଟିଂ ଲାଇନ୍‌ରେ ପ୍ରବେଶ ପୂର୍ବରୁ ମୋର ତାଙ୍କ ସହ ନିବିଡ଼ ବନ୍ଧୁତା ଥିଲା । ନିକଟରେ ମୁଁ ଲଣ୍ଡନ ଯାଇଥିବା ବେଳେ ତାଙ୍କ ସହ ମୋର ଭେଟ ହୋଇଗଲା । ଆଉ ସେଦିନ ମୋତେ ଡିନର ପାଇଁ ସେ ଆମନ୍ତ୍ରଣ କରିଥିଲେ । ତାଙ୍କର ଏହି ଅନୁରୋଧକୁ ମୁଁ ଏଡାଇ ପାରି ନ ଥିଲି । ଯେତେବେଳେ ଯାଇ ମୁଁ ତାଙ୍କ ଘରେ ପହଞ୍ଚିଲି, ସେ ମୋ' ହାତକୁ ଏକ ପ୍ୟାକେଟ ବଢ଼ାଇଦେଲେ । ତାହା କ'ଣ ଜାଣିବାକୁ ମୋର ଆଗ୍ରହ ବଢ଼ିବାକୁ ଲାଗିଲା । ଖୋଲିବା ପରେ ଦେଖିଲି ଯେ ତାହା ଏକ ଦାମୀ ବ୍ୟାଗ୍ ଥିଲା, ଯାହାକୁ ସେ ପ୍ୟାରିସ୍‌ରୁ ମଗାଇଥିଲା ।' ଏହି ବ୍ୟାଗଟି ରିଚାଙ୍କର ଏବେ ବହୁତ ପ୍ରିୟ ପାଲଟି ଯାଇଛି । ଆଜିକାଲି ଅଧିକାଂଶ ସମୟ ତାଙ୍କ ହାତରେ ଏହି ବ୍ୟାଗ ଦେଖିବାକୁ ମିଳୁଛି । ରିଚାଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ମଡେଲିଂରୁ । ତା'ପରେ ସେ କିଛି ସମୟ ଥିଏଟର ସହ ଜଡିତ ଥିଲେ । ନିର୍ଦ୍ଦେଶକ ଦିବାକର ବାନାର୍ଜୀ ତାଙ୍କୁ 'ଓୟେ ଲକି ଲକି ଓୟେ'ରେ ପ୍ରଥମେ ବ୍ରେକ୍ ଦେଇଥିଲେ । ତା'ପରେ ରିଚା 'ଫୁକ୍‌ରେ', 'ସରବଜିତ', 'ତମନ୍ଚେ', 'ଫୁକରି ରିଟର୍ଣ୍ଣସ', 'ପଙ୍ଗା', 'ସକିଲା' ଆଦି ଫିଲ୍ମରେ ଅଭିନୟ କରିଥିଲେ ।

## ଚୁଜି ହେଲେଣି କିଆରା

କିଆରା ଆଡୱାନୀ ଏବେ ଚୁଜି ହେଲେଣି । କ୍ୟାରିୟରରେ ଫୋକସ୍ କରିବାକୁ ପୁରାପୁରି ମାଇଣ୍ଡ ମେକ୍‌ଅପ୍ କରିନେଇଛନ୍ତି । ତେଣୁ କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି । ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି । ହେଲେ ଏନେଇ ମନଦୁଃଖ କରୁନାହାନ୍ତି ସେ । ଏ ସମ୍ପର୍କରେ କିଆରା କହନ୍ତି, 'ବର୍ତ୍ତମାନ ମୋ କ୍ୟାରିୟରକୁ ନେଇ ମୁଁ ପୂର୍ବାପେକ୍ଷା ବେଶ୍ ସିରିୟସ । ଏଣିକି ଦେଖିଚାହିଁ ଫିଲ୍ମ ସାଇନ୍ କରିବି । ତରତର ହୋଇ ଗୁଡାଏ ଫିଲ୍ମ ସାଇନ୍ କଲେ କିଛି ଲାଭ ନାହିଁ ।' ଏହାବାଦ କିଆରା ନିଜ ଘରେ ଏକ ମିନି ଚିଡିଆଖାନା ବି ତିଆରି କରିଛନ୍ତି । ଫୁରୁସତ ମିଳିଲେ ସେ ସେଠାକୁ ଯାଆନ୍ତି । ପିଲାଟି ଦିନରୁ ପଶୁପକ୍ଷୀଙ୍କ ପ୍ରେମରେ ପଡ଼ିଯାଇଥିଲେ ସେ । ଖାସ୍ କଥା ହେଲା ଏବେ ସେମାନଙ୍କ ସୁରକ୍ଷା ପାଇଁ ମଧ୍ୟ କାମ କରୁଛନ୍ତି । ବର୍ତ୍ତମାନ କିଆରା ଏକ ତେଲୁଗୁ ଫିଲ୍ମରେ ଅଭିନୟ କରୁଛନ୍ତି । ଏହି ବିଗ୍ ବଜେଟ୍ ଫିଲ୍ମଟିର ଟାଇଟଲ ରହିଛି 'ଗେମ୍ ଚେଞ୍ଜର' । ଏସ୍. ଶଙ୍କର ଏହାର ନିର୍ଦ୍ଦେଶନା ଦେଉଛନ୍ତି । ଏଥିରେ ରାମଚରଣଙ୍କ ନାୟିକା ସାଜିଛନ୍ତି କିଆରା । ୨୦୨୩ ମସିହାରେ ସେ ଅଭିନୟ କରିଥିବା ଶେଷ ହିନ୍ଦୀ ସିନେମା ଥିଲା 'ସତ୍ୟ ପ୍ରେମ କି କଥା' । ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା ।


କିଆରା

## ଶୁଭ ଦିନକୁ ଅପେକ୍ଷା

ଅଭିନେତା ଦୀପକ ଶୁଭ ଦିନକୁ ଅପେକ୍ଷା କରିଛନ୍ତି । କାରଣ ସେ ଅଭିନୟ କରିଥିବା ଓଡ଼ିଆ ସିନେମା 'ହିଟ୍‌ଲର' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି । ଚନ୍ଦନ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି । ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦୀପକ । ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ । ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ । ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି । ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଳଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର । ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା । 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା' ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ । ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ । ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟ୍‌ଲର' ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ ।


ଦୀପକ


ରିଚା


ଜାହ୍ନବୀ

## ନାଁ ପଛର କଥା

ଶ୍ରୀଦେବୀ ତନୟା ଜାହ୍ନବୀ କପୁର ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ । ହେଲେ ଜାଣନ୍ତି କି ତାଙ୍କର ନାମ ଜାହ୍ନବୀ କାହିଁକି ରଖାଯାଇଥିଲା ? ଏହା ପଛରେ ଏକ ମଜାଦାର କାହାଣୀ ରହିଛି । ଥରେ ମନେ ପକାନ୍ତୁ ନା ବୋନି କପୁରଙ୍କ ହିଟ୍ ଫିଲ୍ମ 'ଜୁଦାଇ'କୁ । ରାଜ୍ କନୱରଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ଅନୀଲ କପୁର, ଶ୍ରୀଦେବୀ, ଉର୍ମିଳା ମାତୋଣ୍ଡକର ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ । ଏହି ଫିଲ୍ମରେ ଉର୍ମିଳାଙ୍କ ଭୂମିକାର ନାମ ଥିଲା ଜାହ୍ନବୀ । ଫିଲ୍ମଟି ହିଟ୍ ହୋଇଥିଲା । ଯେତେବେଳେ ଶ୍ରୀଦେବୀ ପ୍ରଥମ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲେ ସେତେବେଳେ ବୋନି ନିଜର ଏହି ହିଟ୍ ଫିଲ୍ମର ଉର୍ମିଳାଙ୍କ ନାମକୁ ଝିଅର ନାଁ ରଖିବାକୁ ପ୍ରସ୍ତାବ ଦେଇଥିଲେ । ବାସ୍, ତା'ପରେ ସମସ୍ତେ ଏହି ନାମକୁ ଭାରି ପସନ୍ଦ କରିଥିଲେ । ଶ୍ରୀଦେବୀ ଚାହୁଁଥିଲେ ଜାହ୍ନବୀ ପାଠପଢ଼ି ଜଣେ ଡାକ୍ତର ହେଉ । କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଜାହ୍ନବୀଙ୍କ ପ୍ରଥମ ସିନେମା 'ଧଡକ'ରେ ତାଙ୍କୁ କଥକ ନାଚିବାକୁ ପଡ଼ିଥିଲା । ତେଣୁ ଏହାର ଶୁଟିଂ ଆରମ୍ଭ ହେବା ପୂର୍ବରୁ ସେ ପ୍ରାୟ ତିନି ମାସ କଥକ ନୃତ୍ୟ ଅଭ୍ୟାସ କରିଥିଲେ ।

## ରଣବୀର ନେବେ ପାଟରନିଟି ଲିଭ୍

ଦୀପିକା ପାଦୁକୋନ୍‌ଙ୍କ ପ୍ରେଗନେନ୍ସିକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ବିବାହର ୬ ବର୍ଷ ପରେ ଦୀପିକା ମା' ହେବାକୁ ଯାଉଥିବାରୁ ରଣବୀରଙ୍କର ଗୋଡ ଆଉ ତଳେ ଲାଗୁନି । ଦୀପିକାଙ୍କ ଯତ୍ନ ପାଇଁ ସେ ଦିନରାତି ଏକ କରି ଦେଇଛନ୍ତି । ଦୀପିକା ଯୁଆଡ଼େ ଯାଉଛନ୍ତି ରଣବୀର ତାଙ୍କୁ ସୁରକ୍ଷା ବଳୟ ଭିତରେ ନେଇକି ଯାଉଛନ୍ତି । ଏଇ ଯେମିତି ନିକଟରେ ଲୋକସଭା ନିର୍ବାଚନରେ ଭୋଟ ଦେବାକୁ ଯାଉଥିବାବେଳେ ଦୀପିକାଙ୍କ ହାତ ଧରି ତାଙ୍କୁ ବାଟ କଢେଇ ନେଉଥିଲେ ରଣବୀର । ତା'ଛଡ଼ା ନିକଟରେ ଏକ ବିଉଟି ଲଞ୍ଚ ଇଭେଣ୍ଟରେ ଦୀପିକା ହଳଦିଆ ରଙ୍ଗର ପ୍ରିନ୍ସେସ କଟ ନେକଲାଇନ୍ ଥିବା ଗାଉନ ପିନ୍ଧିଥିଲେ । ଯେଉଁଥିରେ ସେ ବହୁତ ସୁନ୍ଦର ଦେଖାଯାଉଥିଲେ । ଦୀପିକାଙ୍କର ଏହି ଲୁକ୍‌କୁ ଫ୍ୟାନ ଖୁବ୍ ପସନ୍ଦ କରିଥିବା ବେଳେ ରଣବୀର ଏହି ଫଟୋ ଶେୟାର କରି ଲେଖିଛନ୍ତି ଦୀପିକାଙ୍କ ଉପରେ ଯେମିତି କାହାର ଖରାପ ନଜର ନ ପଡୁ । ଏବେ ପୁଣି ଶୁଣିବାକୁ ମିଳୁଛି ସେ କୁଆଡ଼େ ବର୍ଷେ ପାଇଁ ପାଟରନିଟି ଲିଭ୍ ନେଇ ଦୀପିକାଙ୍କ ଦେଖାଶୁଣା ବି କରିବେ ।


ଦୀପିକା

## ରଣବୀରଙ୍କ ଲକି ନମ୍ବର

ଅନେକ ଲୋକଙ୍କର କିଛି ନା କିଛି ଅନ୍ଧ ବିଶ୍ୱାସ ଥାଏ । ଯେଉଁଥିରୁ ସେଲିବ୍ରିଟି ବି ବାଦ୍ ପଡ଼ି ନ ଥାନ୍ତି । ଏଇ ଯେମିତି ରଣବୀର କପୁରଙ୍କର ବି ଏକ ଅନ୍ଧବିଶ୍ୱାସ ଅଛି । ସେ ଗୋଟିଏ ନମ୍ବରକୁ ତାଙ୍କର ଲକି ନମ୍ବର ବୋଲି ଭାବନ୍ତି । ତାହା କେତେ ଜାଣନ୍ତି ? ଆଠ । ହେଲେ ସେ ଏହି ନମ୍ବରକୁ କାହିଁକି ଚଏସ୍ କଲେ ? ତା' ପଛରେ ଏକ କାହାଣୀ ରହିଛି । ଏ ସମ୍ପର୍କରେ ରଣବୀର କହନ୍ତି, 'ମୋର ଲକି ନମ୍ବର ହେଉଛି ଆଠ । ଜୁଲାଇ ଆଠ ତାରିଖରେ ମୋ ମା' (ନିତୁ ସିଂ) ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କ ବାର୍ଥ ଡେ'କୁ ସବୁବେଳେ ମନେରଖିବା ପାଇଁ ମୁଁ ସେହି ତାରିଖକୁ ମୋର ଲକି ନମ୍ବର ଭାବରେ ଚଏସ୍ କରିଛି । କେବଳ ସେତିକି ନୁହେଁ, ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି କେବଳ ତାଙ୍କ ପାଇଁ । ସବୁ କଥାରେ ସେ ମୋ' ପଛରେ ଛାଇ ହୋଇ ରହିଛନ୍ତି ।' ରଣବୀରଙ୍କ ଅଭିନୀତ 'ଆନିମଲ' ଗତବର୍ଷ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏବେ ସେ ନିର୍ମାଣାଧୀନ 'ରାମାୟଣ' ଫିଲ୍ମରେ ରାମ ଭୂମିକାରେ ଅଭିନୟ କରୁଛନ୍ତି ।


ରଣବୀର

# ପ୍ରଥମ ରୋଜଗାର



ଗାଳ୍ପିକ ତଥା ଗବେଷକ
ଦିଲ୍ଲୀପ କୁମାର ମହାନ୍ତି
ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

## ଠାକୁରଙ୍କ ପାଖେ ଭୋଗ କରିଥିଲି

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନସ୍ଥ ଦଉପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ ନନ୍ଦୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୯୭୮ରେ ଏକାଦଶ ପାସ୍ କରିବା ପରେ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରେ ଇଣ୍ଟର ମିଡିଏଟ୍ କଲି। ତା'ପରେ ଇନ୍ଦିରା ଗାନ୍ଧୀ ନ୍ୟାସନାଲ୍ ଓପନ୍ ୟୁନିଭର୍ସିଟିରେ ବି.ଏ ପଢ଼ିବା ପାଇଁ ଆଡ୍‌ମିଶନ୍ ନେଲି କିନ୍ତୁ ମା'ବାପାଙ୍କର ଦେହ ଖରାପ ହେବାରୁ ପଢ଼ା ଅଧାରୁ ଛାଡ଼ିଦେଲି। କାରଣ ମୁଁ ଥିଲି ସେମାନଙ୍କର ଗୋଟିଏ ବୋଲି ସନ୍ତାନ। ସେମାନଙ୍କ ଦେହ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କୁ ଛାଡ଼ି ଉଚ୍ଚଶିକ୍ଷା ପାଇଁ ଆଉ ବାହାରକୁ ନଯାଇ ଗାଁରେ ରହି ବିଭିନ୍ନ ଜନହିତକର କାମ କରିବାକୁ ଲାଗିଲି। ମୋର ପ୍ରଥମ କାମ ଥିଲା ଗାଁରେ କେମିତି ଏମ୍ଇ ଓ ହାଇସ୍କୁଲ୍ ଖୋଲିବ। କାରଣ ଗାଁରେ କେବଳ ପ୍ରାଇମେରୀ ସ୍କୁଲଟିଏ ଥିଲା; ଯାହାକି ପଞ୍ଚମ ଶ୍ରେଣୀ ଯାଏଁ ସରକାରୀ ଅନୁଦାନରେ ଚାଲିଥିଲା। ତେଣୁ ଗାଁ ଲୋକଙ୍କ ସହାୟତାରେ ଏକ କମିଟି ଗଢ଼ାଯାଇ ତା'ରି ସାହାଯ୍ୟରେ ୧୯୮୭ରେ ୬ଷ୍ଠ, ୭ମ ପିଲାଙ୍କ ପାଇଁ ନୂଆ ସ୍କୁଲ୍ ଘର ଗଢ଼ାହେଲା ଆଉ ତା'ର ନାଁ ଦିଆଗଲା ନୀଳକଣ୍ଠେଶ୍ୱର ମଧ୍ୟ ଇଂରାଜୀ ବିଦ୍ୟାଳୟ। ଏହାପରେ ୮ମ, ୯ମ, ୧୦ମ ପିଲାଙ୍କ ପାଇଁ ବି ନୂଆ ଶ୍ରେଣୀ ଖୋଲି ତାକୁ ଗୋପୀନାଥଜିଉ ଉଚ୍ଚବିଦ୍ୟାଳୟର ନାଁ ଦିଆଗଲା। ପାଖାପାଖି ୧୭ ବର୍ଷ ପର୍ଯ୍ୟନ୍ତ ବିନା ସରକାରୀ ସହାୟତାରେ ଗାଁରେ ଥିବା ମଧ୍ୟ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟଟି କମିଟି ସହାୟତାରେ ଚାଲିଲା; ଯାହାର ସମସ୍ତ କ୍ଲରିକାଲ୍ କାମ ମୋତେ ହିଁ ବୁଝିବାକୁ ପଡୁଥିଲା। କିଛିଦିନ ପରେ ମୋ ବାହାଘର ହେଲା, ପତ୍ନୀ ଯେହେତୁ ଶିକ୍ଷା ସହାୟିକା ଥିଲେ, ତେଣୁ ଯେଣତେଣ ପ୍ରକାରେ ଦୁଃଖେ କଷ୍ଟେ ଆମେ ଚଳିଯାଉଥିଲୁ। ବହୁ ପ୍ରତୀକ୍ଷା ପରେ ଶେଷରେ ୨୦୦୪ରେ ସରକାରଙ୍କ ତରଫରୁ ଗାଁ ସ୍କୁଲ୍‌କୁ ବ୍ଲକ୍ ଗ୍ରାଣ୍ଟର ମାନ୍ୟତା ମିଳିଲା ଆଉ ପ୍ରାଇମେରୀ ଓ ଏମ୍ଇ ସ୍କୁଲ୍ ମିଶି ନୀଳକଣ୍ଠେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟର ପରିଚୟ ପାଇଲା। ତା' ସହିତ ଆମକୁ ବି ସରକାରୀ ଦରମା ମିଳିଲା। ୧୦୭୨ ଟଙ୍କା ଥିଲା ମୋର ପ୍ରଥମ ଦରମା। କିନ୍ତୁ ମୋର ଏହି ଖୁସି ଦେଖିବାକୁ ମା'ବାପା ଆଉ ନଥିଲେ, କଷ୍ଟ ଲାଗିଲା। ପରେ ମନକୁ ବୁଝାଇ ସେହି ଟଙ୍କାରେ ଗାଁର ଇଷ୍ଟ ଦେବତା ଗୋପୀନାଥ ମନ୍ଦିର, ନିକଟସ୍ଥ ତାରିଣୀ ମନ୍ଦିର ତଥା ଆରଡ଼ି ଆଖଣ୍ଡଳମଣୀଙ୍କ ପାଖରେ ଭୋଗ କରିଥିଲି। ଏଠାରେ କହି ରଖିବାକୁ ଚାହେଁ ଯେ, ମୁଁ କେବଳ ସ୍କୁଲ୍ କାମରେ ନିଜକୁ ସୀମିତ ରଖି ନଥିଲି, ଅନେକ ସାମାଜିକ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ବି ସାମିଲ ହେଉଥିଲି। ଯେମିତିକି ଗାଁରେ ପାନୀୟ ଜଳ, ରାସ୍ତାଘାଟ ତଥା ଇଲେକ୍ଟ୍ରିସିଟିର ସୁବିଧା ନଥିବାରୁ ସେ ନେଇ ନିଜସ୍ୱ ପ୍ରଚେଷ୍ଟା ଓ ଗାଁ ଲୋକଙ୍କ ସହାୟତାରେ ସରକାରଙ୍କ ପାଖେ ବିଭିନ୍ନ ଦାବି ଉପସ୍ଥାପନ କରି ସେ ସବୁର ବ୍ୟବସ୍ଥା କରାଇବା, ଆମ ଗାଁରେ ଗ୍ରାମପଞ୍ଚାୟତ ଗଢ଼ିବା ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟକ୍ଷ ଭୂମିକା ନେଇଥିଲି। ତା'ଛଡ଼ା ମୁଁ ହେଲି ପ୍ରଭୁ ଜଗନ୍ନାଥଙ୍କର ପରମଭକ୍ତ ବନ୍ଧୁ ମହାନ୍ତିଙ୍କର ବଂଶଧର। ତାଙ୍କ ସମ୍ପର୍କିତ ବହୁ ତଥ୍ୟ ବିଭିନ୍ନ ଆଡୁ ସଂଗ୍ରହ କରି ଅନେକ ଗବେଷଣାତ୍ମକ ଲେଖା ଲେଖିଛି; ଯେଉଁଥିପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କାର ଓ ସମ୍ମାନ ମିଳିଛି। ଗପ ଲେଖିବାରେ ରୁଚି ଥିବାରୁ ପ୍ରାୟ ୬୦ଟି ଗପ ମଧ୍ୟ ମୁଁ ଲେଖିଛି। ଆଉ ଏବେ ଚାକିରିରୁ ଅବସର ନେବା ପରେ ମୋର ପରମପୂଜ୍ୟ ବନ୍ଧୁ ମହାନ୍ତି ତଥା ମୋର ଜନ୍ମମାଟି ଦଉପୁରକୁ କେମିତି ଆହୁରି ଖ୍ୟାତି ମିଳିବ ସେ ଚେଷ୍ଟା ଜାରି ରଖିଛି।

## ଅଭିମାନୀ ପ୍ରିୟା ଭାରି ଚାତୁରୀ, ଇସାରାରେ ମନ କରିଛି ଚୋରି

ସାଥୀ

**ପ୍ରଶ୍ନ–** ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

**–ତନ୍ମୟ ରାଉତ, ବଲାଙ୍ଗୀର**

**ଉତ୍ତର:** 'ଇସାରାରେ ମନ କରିଛି ଚୋରି, ଅଭିମାନୀ ପ୍ରିୟା ଭାରି ଚାତୁରୀ'। ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ହେଲେ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନ୍‌ସନ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ–** ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ।

**–ବିବେକ କୁମାର ସାହୁ, ଜଗତ୍‌ସିଂହପୁର**

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ଼ ପୁରାଇବା ଅର୍ଥ ଅଯଥା ଟେନ୍‌ସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକ୍‌ସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡ଼ିଗଲେ, ତେବେ କଥାଟି 'ବୁଡ଼ିଗଲା ଗୋଡ଼ ତଳକୁ ତଳକୁ' ପରି ହେବ।

ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ଠିକ୍ ହେବ। ନ ହେଲେ ନେଡ଼ି ଗୁଡ଼ ଯେତେବେଳେ କହୁଣୀକୁ ବୋହିଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ–** ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

**–ପୂର୍ଣ୍ଣଚନ୍ଦ୍ର ରାଉତ, ରାଉରକେଲା**

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି– ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡ଼ିକେ ଘୋଡ଼ା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ– ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସ ହାତରୁ ଖସିଯାଇପାରେ।

**ପ୍ରଶ୍ନ–** ଏବେ ମୁଁ ଜଣେ ଝିଅ ପ୍ରେମରେ ପଡ଼ିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାସୋରି ପାରୁନି। କ'ଣ କରିବି ?

**–ଦୀପ୍ତି ରଞ୍ଜନ ରାଉଳ, ଢେଙ୍କାନାଳ**

**ଉତ୍ତର:** ଯାହାକୁ ପ୍ରଥମେ ନିଜ ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ପାଣିଚିଆ ଲାଗିବ। ଯୋ ଗୟା ଉସ୍‌କୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।





# ପାରାଦୀପ ଶୁଖୁଆ

**ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଶୁଖୁଆ। ଯାହା ବଶେଷକରି ଉପକୂଳବର୍ତ୍ତୀ ଜିଲାମାନଙ୍କରେ ପ୍ରସ୍ତୁତ ହେଉଥିବାବେଳେ ପାରାଦୀପ ଶୁଖୁଆର ସ୍ୱତନ୍ତ୍ର ସ୍ଥାନ ରହିଛି...**





ମତ୍ସ୍ୟ ସମ୍ପଦ ମଧ୍ୟରେ ଶୁଖୁଆର ସ୍ଥାନ ସ୍ୱତନ୍ତ୍ର। ଆମିଷାଶୀମାନଙ୍କ ପାଇଁ ଶୁଖୁଆ ଏକ ପରିଚିତ ନାଁ। ଓଡ଼ିଶା ଉପକୂଳବର୍ତ୍ତୀ ଜିଲାର ବିଭିନ୍ନ ସ୍ଥାନରେ ଶୁଖୁଆ ବିକ୍ରି ହେଉଥିବାବେଳେ ଜଗତ୍‌ସିଂହପୁର ଜିଲା, ପାରାଦୀପର ଶୁଖୁଆ ପାଇଁ ଭିନ୍ନ ପରିଚୟ ରହିଛି। ଏହି ଅଞ୍ଚଳର ଅନେକ ଲୋକ ପାରମ୍ପରିକ ପଦ୍ଧତିରେ ଶୁଖୁଆ ପ୍ରସ୍ତୁତ କରିବା ସହ ବ୍ୟବସାୟ କରି ଜୀବିକା ନିର୍ବାହ କରିଥାନ୍ତି।

ଓଡ଼ିଶାର ପ୍ରମୁଖ ଶୁଖୁଆ ଉତ୍ପାଦନ ସ୍ଥାନ ମଧ୍ୟରେ ପାରାଦୀପ ଅନ୍ୟତମ। ସମୁଦ୍ରରୁ ଉତ୍ପାଦିତ ମାଛକୁ ଏହି ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବୀ ୪ ପ୍ରକାର ବର୍ଗୀକରଣ କରିଥାନ୍ତି। ଯଥା ଏ,ବି,ସି ଓ ଡି କ୍ଲାସ୍ ମାଛ। ଏ ଓ ବି କ୍ଲାସ୍ ମାଛକୁ ବିଦେଶକୁ ରପ୍ତାନି କରାଯାଇଥାଏ, ଯାହାର ଦାମ ଅଧିକ। ସି ଓ ଡି କ୍ଲାସ୍ ମାଛ ସ୍ଥାନୀୟ ବଜାରରେ ବିକ୍ରି ହୋଇଥାଏ ଏବଂ ଯାହା ବିକ୍ରି ହୁଏ ନାହିଁ, ତାକୁ ଶୁଖୁଆଖଳାକୁ ପଠାଯାଏ। ମତ୍ସ୍ୟଜୀବିମାନେ ଯେବେ ମାଛଧରିବାକୁ ସମୁଦ୍ର ଯାଆନ୍ତି ସେଠାରେ ଗୋଟିଏ ଟ୍ରଲର ଅନ୍ୟୂନ ୭ ରୁ ୧୦ ଦିନ ରହିଥାଏ। ବ୍ୟବସାୟୀମାନେ ମାଛ ନେବା ପରେ ସି ଓ ଡି କ୍ଲାସ୍ ମାଛ ବଳକା ରହିଥାଏ। ତାକୁ ବେପାରୀ ଅଳ୍ପ ଦାମରେ କିଣି ଆଣି ଶୁଖୁଆ କରିଥାନ୍ତି।

**ଶୁଖୁଆର ପେଣ୍ଠସ୍ଥଳୀ:** ପାରାଦୀପର ଶୁଖୁଆଖଳା, ଷଣ୍ଢକୁଦି, ତାଳଦଣ୍ଡା କେନାଲବନ୍ଧ, ରାଇସ୍‌ମିଲ୍ ପାଖରେ ଅନେକ ପରିବାର ରହିଛନ୍ତି ଯେଉଁମାନେ ଶୁଖୁଆ ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଛନ୍ତି। ଶୁଖୁଆ ବ୍ୟବସାୟରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଏହି ଅଞ୍ଚଳର ପ୍ରାୟ ୨୨ଶହରୁ ଊର୍ଦ୍ଧ୍ୱ ପରିବାର ରହିଛନ୍ତି। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ବାହାର ରାଜ୍ୟକୁ ପାରାଦୀପ ଅଞ୍ଚଳରୁ ଟନ୍ ଟନ୍ ପରିମାଣର ଶୁଖୁଆ ବିକ୍ରି ପାଇଁ ପଠାଯାଉଛି। ଶୁଖୁଆର ଭିନ୍ନ ଭିନ୍ନ ନାଁ ମଧ୍ୟ ରହିଛି । ଯାହା ମଧ୍ୟରେ ମରୁଆ, ବୋରେଇ, ଚିଙ୍ଗୁଡ଼ି, ଚାନ୍ଦି, ଅଳତାପଟେଇ, ପୁଟି, ଖଅଙ୍ଗା, ଇଲିଶ, ଭେକ୍ଟି, ଚାଆଁର, କଣ୍ଟିଆ, ବାଳିଆ, ଚାଉଳି, ଝୁରୁଝୁରି, ପାଣିଆଖିଆ, ଖାରପାଣିଆ ଆଦି ରହିଛି। ଶୁଖୁଆଖଳାର ଅକ୍ଷୟ ପ୍ରଧାନ କୁହନ୍ତି ଏକ କି.ଗ୍ରା. ଶୁଖୁଆପ୍ରତି ୫୦ଟଙ୍କାରୁ ଆରମ୍ଭ କରି ୧୨ଶହଟଙ୍କା ଯାଏ ବିକ୍ରି ହୋଇଥାଏ।

**ପାରମ୍ପରିକ ପଦ୍ଧତିରେ ତିଆରି ଶୁଖୁଆର ଚାହିଦା ଅଧିକ:** ଷଣ୍ଢକୁଦର ଶୁଖୁଆ ବେପାରୀ ଶୁକଦେବ ହାଲ୍‌ଦାର କୁହନ୍ତି–ପୂର୍ବରୁ ଶୁଖୁଆ ପ୍ରସ୍ତୁତ କଲାବେଳେ ସେଥିରେ ଲୁଣ, ହଳଦୀ ମିଶାଇ ଖରାରେ ଶୁଖାଯାଉଥିଲା। ମାତ୍ର ଆଜିକାଲି କେତେଜଣ ବେପାରୀ ଶୁଖୁଆ ପ୍ରସ୍ତୁତିରେ ଗୋପନରେ ଏକପ୍ରକାର ମାରାତ୍ମକ କେମିକାଲ–ଫର୍ମାଲିନ୍ ଡିହାଇଡ୍‌କୁ ଶୁଖୁଆ ତିଆରିରେ ମିଶାଉଥିବାର ସାଧାରଣରେ ଅଭିଯୋଗ ହେଉଛି। ବର୍ଷାଦିନେ ମାଛକୁ ଖରାରେ ଶୁଖାଇବା କଠିନ ବ୍ୟାପାର ହେଉଥିବାରୁ। ପ୍ରଥମେ ଶୁଖୁଆ ପାଇଁ ନିର୍ମାଣହୋଇଥିବା ବଡ଼ବଡ଼ ସିମେଣ୍ଟ କୁଣ୍ଡ ମଧ୍ୟରେ ଲୁଣ ପକାଇ ଦିଆଯାଏ, ଏହାପରେ ସେଥିରେ ମାଛ ପକାଇ କେମିକାଲ ପକାଯାଇଥାଏ। ଏଥିରେ ସେହି ମାଛ ମାତ୍ର ୧୦ ମିନିଟ୍ ମଧ୍ୟରେ ଶୁଖୁଆ ହୋଇଯାଏ। ତେବେ କେମିକାଲ ମିଶା ଶୁଖୁଆ ବାହାରେ ରଖିଲେ ଆଉ ନଷ୍ଟହେବା ସମ୍ଭାବନା ନ ଥାଏ। ସାମାନ୍ୟ ଖରାରେ ଶୀଘ୍ର ଶୁଖିଯାଉଥିବାରୁ ଶୀଘ୍ର ବିକ୍ରି ପାଇଁ ପଠାଯାଉଛି।

**କେତେ ଉପକାରୀ ଶୁଖୁଆ:** ବରିଷ୍ଠ ଆୟୁର୍ବେଦିକ୍ ବିଶେଷଜ୍ଞ **ଡାକ୍ତର ବାସୁଦେବ ପ୍ରଧାନ** କୁହନ୍ତି– ଯେଉଁ ମାଛର ଯେଉଁ ଗୁଣ ସେହି ମାଛର ଶୁଖୁଆରେ ସେହି ଗୁଣ ରହିଥାଏ। କିନ୍ତୁ କାତି ନ ଥିବା ମାଛ ଶୁଖୁଆରେ ଅଧିକ ପରିମାଣର ଲୌହସାର ରହିଥାଏ। କିନ୍ତୁ ସମସ୍ତ ପ୍ରକାର ଶୁଖୁଆରେ କ୍ୟାଲ୍‌ସିୟମ ରହିଥାଏ। ମାଛ ମାଂସ ଶରୀରରଓଜନ ବଢାଇଥାଏ କିନ୍ତୁ ଶୁଖୁଆ ଦ୍ୱାରା ଶରୀରର ଓଜନ ବଢି ନ ଥାଏ। ଶୁଖୁଆ ରକ୍ତହୀନତା ଓ ଅସ୍ଥି ଦୁର୍ବଳତା ଦୂର କରିବାରେ ସହାୟକ ହୋଇଥାଏ। ଅନ୍ୟପକ୍ଷରେ ଚର୍ମରୋଗରେ ପୀଡ଼ିତ ବ୍ୟକ୍ତି, ଉଚ୍ଚ ରକ୍ତଚାପ ରୋଗୀ ଶୁଖୁଆ ଖାଇବା ମନା। ଅନ୍ୟ ରୋଗୀମାନେ ଶୁଖୁଆ ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍।

**ସଚେତନତା ଜରୁରୀ:** ଡା. **ପ୍ରସନ୍ନ କୁମାର ସାମଲ** କୁହନ୍ତି, ଫର୍ମାଲିନ୍ କେମିକାଲ ସାଧାରଣତଃ ପ୍ଲାଷ୍ଟିକ, ଚମଡ଼ା, ଜୋତା ତିଆରିରେ ଲାଗିଥାଏ। ତାକୁ ମାଛରେ ମିଶାଇବା ଫଳରେ ତାହା ମଣିଷ ଶରୀରରେ ମାରାତ୍ମକ ରୋଗ ସୃଷ୍ଟିହେବା ଆଶଙ୍କା ଥାଏ। ଏଠାର ମତ୍ସ୍ୟ ସମ୍ପଦର ଗୁଣବତ୍ତାକୁ ନେଇ ଗତ ଡିସେମ୍ବର ୨୩ରେ ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ନିରୀକ୍ଷକଙ୍କ ପକ୍ଷରୁ ଅଠରବାଙ୍କି ଶୁଖୁଆଖଳାରେ ଚଢ଼ାଉ କରାଯାଇଥିଲା। ସେତେବେଳେ ୫ଟି ଶୁଖୁଆ ପରୀକ୍ଷା ପାଇଁ ଯାଇଥିଲା। ସେଥିରେ ଫର୍ମାଲିନ୍ ମିଶିଛି ବୋଲି ସେତେବେଳେ ଖାଦ୍ୟ ସୁରକ୍ଷା ନିରୀକ୍ଷକ ପ୍ରୀତୀଶ ଦାସ କହିଥିଲେ। ଏହାପରେ ସେମାନଙ୍କୁ ନୋଟିସେ ଦିଆଯାଇଥିଲା। ସେହିପରି ମାଛଧରା ବନ୍ଦର ପରିସରରେ ଟ୍ରଲରରେ କେମିକାଲ ନେବା ଉପରେ ମତ୍ସ୍ୟ ବିଭାଗ କଟକଣା ଜାରି କରିଛନ୍ତି।

ସାମୁଦ୍ରିକ ମତ୍ସ୍ୟ ଅଧିକାରୀ **ବିଜୟ କୁମାର କର** କୁହନ୍ତି, ଆମେ ସବୁବେଳେ ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ସମ୍ପଦର ସୁରକ୍ଷା ଓ ଖାଦ୍ୟ ଉପଯୋଗୀ ହେବା ନିମନ୍ତେ ପରାମର୍ଶ ଦେଉଛୁ। ମତ୍ସ୍ୟଜୀବୀଙ୍କୁ ମାଛର ମାନ ଓ ଗୁଣବତ୍ତା ସମ୍ପର୍କରେ ସରକାରୀ ସ୍ତରରେ କାମ କରୁଥିବା ଏମ୍‌ପିଇଡିଏର ଆକଳନ କହେ–ପାରାଦୀପ ମାଛଧରା ବନ୍ଦର ମଧ୍ୟରୁ ମାସିକ ପ୍ରାୟ ୪୦ ଟନ୍ ସି ଓ ଡି କ୍ଲାସ୍ ମାଛ ଶୁଖୁଆ ପ୍ରସ୍ତୁତି ପାଇଁ ଯାଇଥାଏ। ଏହିଭଳି ବର୍ଷକୁ ୧୦ ମାସରେ ବିପୁଳ ଶୁଖୁଆ କରାଯାଉଛି। ଏମ୍‌ପିଇଡିଏ ସଂଯୋଜକ **ଗୟାଧର ମହାପାତ୍ର** କହିଛନ୍ତି, ଦେଶର ବିଭିନ୍ନ ଅଞ୍ଚଳକୁ ପାରାଦୀପ ସାମୁଦ୍ରିକ ଶୁଖୁଆ ବିକ୍ରି ପାଇଁ ପଠାଯାଇଥାଏ। ଅନ୍ୟପକ୍ଷେ ଭାରତରେ ଅଧିକ ଉତ୍ତର–ପୂର୍ବ ରାଜ୍ୟର ଲୋକେ ଶୁଖୁଆ ଖାଇଥାନ୍ତି। ପାରାଦୀପ ଶୁଖୁଆ ସେହି ସବୁ ରାଜ୍ୟକୁ ପଠାଯାଇଥାଏ। ସାମୁଦ୍ରିକ ମାଛକୁ ଶୁଖୁଆ ଭାବେ ପ୍ରସ୍ତୁତି କରାଯିବାରେ ପାରାଦୀପର ସ୍ୱତନ୍ତ୍ର ପରିଚୟ ରହିଛି।

**– ଶରତ ରାଉତ**







ସଂଗ୍ରାମ

## ହାଃ ହାଃ

### ମାତୃଭାଷା

ଶିକ୍ଷକ ପିଣ୍ଟୁକୁ: ଟେବଲ୍ କେ ଉପର ଚାୟ କିସ୍‌ନେ ଗିରାୟା ? ଏହାକୁ ନିଜ ମାତୃଭାଷାରେ କହିଲ ।
ପିଣ୍ଟୁ: ସାର୍, ମାତୃଭାଷାର ଅର୍ଥ କ'ଣ ?
ଶିକ୍ଷକ: ମା'ଙ୍କ ଭାଷା ।
ପିଣ୍ଟୁ: ଓଃ, କହୁଛି– ଆରେ ମୂର୍ଖ, ଗଧ ଇଏ କ'ଣ କଲୁ ? ଚୁପ୍ ଚାପ୍ ୟା'କୁ ସଫା କର ? ଭଲରେ ନ କଲେ ପିଠି ଫଟେଇ ଦେବି ।

### ଛାଡ଼ପତ୍ର

ସିଲା ଓକିଲଙ୍କୁ: ମୁଁ ମୋ ପୂର୍ବ ସ୍ୱାମୀଙ୍କ ସହ ଆଉଥରେ ବିବାହ କରିବାକୁ ଚାହୁଁଛି ।
ଓକିଲ: ଏଇ ଆଠଦିନ ପୂର୍ବେ ତ ଆପଣ ଛାଡ଼ପତ୍ର ନେଇଥିଲେ । ପୁଣିଥରେ କାହିଁକି ବିବାହ କରିବେ ?
ସିଲା: ମୁଁ ଦେଖୁଛି ଛାଡ଼ପତ୍ର ପରେ ସେ ବହୁତ ଖୁସିରେ ଅଛନ୍ତି । ଯୋଉଟା କି ମୁଁ ଆଦୌ ସହିପାରୁନି ।

### ସାଥ୍ ଦେବ

ଶିକ୍ଷକ: କହିଲ ପିଲେ, କଣ୍ଟକିତ ରାସ୍ତାରେ ତୁମର ସାଥ୍ କିଏ ଦେବ ? ବାପା, ମା', ଭାଇ, ଭଉଣୀ, ସ୍ତ୍ରୀ ନା ପିଲା ?
ପପୁ: ସାର୍, ମୁଁ କହିବି
ଶିକ୍ଷକ: ହଉ କହ ।
ପପୁ: ସାର୍ ଏମାନଙ୍କ ଭିତରୁ କେହି ନୁହେଁ, କେବଳ ଚପଲ ସାଥ୍ ଦେବ ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।







# ରାଧାନଗର ବିଚ୍

**ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ହାଭେଲକ୍ ଦ୍ୱୀପ ନିକଟସ୍ଥ ରାଧାନଗର ବିଚ୍ ହେଉଛି ଏସିଆର ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ସମୁଦ୍ରତଟ। ନୀଳ ଜଳରାଶି ଓ ଧଳା ବାଲିର ବେଳାଭୂମି ଏହାର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଇଥାଏ। ତା'ଛଡ଼ା ଏଠାକାର ଶାନ୍ତ ବାତାବରଣରେ ବସି ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଶ୍ ମନୋରମ ଲାଗେ। ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ...**

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ବୁଲିଯିବାର ପ୍ଲାନିଂ କରୁଥିଲେ ଏଠାକାର ହାଭେଲକ୍ ଦ୍ୱୀପ ନିକଟସ୍ଥ ରାଧାନଗର ବିଚ୍ ବୁଲିଯିବାକୁ ଆଦୌ ଭୁଲିବେ ନାହିଁ। କାରଣ ଏହା ହେଉଛି ଏସିଆର ଅନ୍ୟତମ ଆକର୍ଷଣୀୟ ସମୁଦ୍ରତଟ; ଯାହାକୁ ଟାଇମ୍ସ ମାଗାଜିନ୍ ତରଫରୁ 'ବିଶ୍ୱର ୭ଟି ସୌନ୍ଦର୍ଯ୍ୟପୂର୍ଣ୍ଣ ସମୁଦ୍ରତଟ' ମଧ୍ୟରେ ସ୍ଥାନ ଦିଆଯାଇସାରିଛି। ଶାନ୍ତ ବାତାବରଣ, ନୀଳ ଜଳରାଶି, ଧଳା ବାଲିର ବେଳାଭୂମି ଏବଂ ତା'ସାଙ୍ଗକୁ ଏଠାରେ ବିଭିନ୍ନ ରୋମାଞ୍ଚକର ଗତିବିଧି ପାଇଁ ସୁବିଧା ଥିବାରୁ କେବଳ ଭାରତୀୟ ପର୍ଯ୍ୟଟକ କାହିଁକି ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବି ଏଠାକୁ ବୁଲି ଆସନ୍ତି।

## ଏଠାରେ କ'ଣ କରିବେ

✲ **ସୂର୍ଯ୍ୟୋଦୟର ଶୋଭା:** ଯଦି ଏଠାକାର ଶାନ୍ତ ବାତାବରଣରେ କିଛି ସମୟ ବିତାଇବାକୁ ଚାହୁଁଥାନ୍ତି, ତା'ହେଲେ ଭୋରରୁ ବିଚ୍ ନିକଟରେ ପହଞ୍ଚିଯିବେ। ଏହି ସମୟରେ ବେଶି ଲୋକ ଏଠାରେ ନ ଥାନ୍ତି। ବାସ୍, ନିରୋଳାରେ କିଛି ସମୟ ବସିବେ, ନଚେତ୍ ବେଳାଭୂମିରେ ଟିକେ ଚଲାବୁଲା କରିବେ ଏବଂ ଶେଷରେ ସୂର୍ଯ୍ୟୋଦୟର ଅପୂର୍ବ ଶୋଭାକୁ ଉପଭୋଗକରି ଫେରିଆସିବେ।





✲ **ସନ୍‌ବାଥ୍‌ର ମଜା:** ରାଧାନଗର ବିଚ୍‌ର ପରିଷ୍କାର ଧଳାବାଲିର ବେଳାଭୂମିରେ ଶୋଇବାର ମଜା ବି ବେଶ୍ ନିଆରା ଲାଗେ। ଖାସ୍‌କରି ବେଳାଭୂମିରେ ଶୋଇ ସନ୍‌ବାଥ୍‌ର ଆନନ୍ଦ ନେବା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ।

✲ **ଦୁଃସାହସିକ କ୍ରୀଡ଼ାର ଆନନ୍ଦ:** ପର୍ଯ୍ୟଟକ ଏହି ବିଚ୍‌ରେ ଗାଧୋଇବା ସହ ସ୍କୁବା ଡାଇଭିଂ କରିବାର ମଧ୍ୟ ମଜା ନେଇପାରିବେ। ଏ ନେଇ ଏଠାରେ ସ୍ୱତନ୍ତ୍ର ଟ୍ରେନିଂ ବି ଦିଆଯାଇଥାଏ।

✲ **ସୂର୍ଯ୍ୟାସ୍ତର ଦୃଶ୍ୟ:** ରାଧାନଗର ବିଚ୍‌ର ବେଳାଭୂମିରେ ବସି ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ଉପଭୋଗ କରିବା ବି ବେଶ୍ ଆକର୍ଷକ ଲାଗିଥାଏ।

## ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ରାଧାନଗର ବିଚ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି କେତେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ଯେମିତିକି:

✲ **ଏଲିଫାଣ୍ଟ ବିଚ୍:** ରାଧାନଗର ବିଚ୍‌ଠାରୁ ମାତ୍ର ୨ କି.ମି. ଦୂରରେ ରହିଛି ଏଲିଫାଣ୍ଟ ବିଚ୍; ଯେଉଁଠାକୁ ପର୍ଯ୍ୟଟକ ଚାଲି ଚାଲି ଯିବାକୁ ଖୁବ୍ ପସନ୍ଦ କରିଥାନ୍ତି। ଏହା ମଧ୍ୟ ହେଉଛି ଅନ୍ୟତମ ଆକର୍ଷଣୀୟ ସମୁଦ୍ରତଟ।

✲ **କଳାପଥର ବିଚ୍:** ଏହା ମଧ୍ୟ ରାଧାନଗର ବିଚ୍‌ଠାରୁ ମାତ୍ର ଅଳ୍ପ କିଛି କି.ମି. ଦୂରରେ ଅବସ୍ଥିତ। କାଲା ପଠାର୍ ନାମକ ଏକ ଗାଁ ନିକଟରେ ଥିବା ଏହି ବିଚ୍ କୂଳରେ କିଛିଟା ପଥର ପଡ଼ିଥିବାର ଦେଖିବାକୁ ମିଳେ, ଯେଉଁଥିରେ ଶିଉଳି ଲାଗି ଲାଗି ତାହା କଳାରଙ୍ଗର ଦେଖାଯାଉଥାଏ। ତେଣୁ ଏହି ବିଚ୍‌ର ନାମ ଏପରି ରଖାଯାଇଥିବା ବିଶ୍ୱାସ କରାଯାଏ।

✲ **ଗୋବିନ୍ଦନଗର ବିଚ୍:** ଏହା ବି ରାଧାନଗର ବିଚ୍ ନିକଟସ୍ଥ ଅନ୍ୟତମ ଆକର୍ଷଣୀୟ ବିଚ୍।

କେବଳ ସେତିକି ନୁହେଁ, ହାଭେଲକ୍ ଦ୍ୱୀପର ସଦାବାହାର ବଣ ବି ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ। ରାଧାନଗର ବିଚ୍ ବୁଲି ଆସୁଥିବା ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଖୁସି ସାଉଁଟିପାରିବେ।

## ଅନ୍ୟାନ୍ୟ ସୁବିଧା


ପର୍ଯ୍ୟଟକଙ୍କ ରହିବା ଖାଇବା ପାଇଁ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ରେଷ୍ଟୁରାଣ୍ଟ, କାଫେ ତଥା ହୋଟେଲ, ଲଜ୍ ଆଦିର ସୁବିଧା ରହିଛି। ସ୍ପା ପାଇଁ ବି ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି।

## କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ରାଧାନଗର ବିଚ୍ ବୁଲିଯିବା ପାଇଁ ପ୍ରକୃଷ୍ଟ ସମୟ। ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ଫ୍ଲାଇଟ୍ ହେଉ କି ପାଣି ଜାହାଜ ଯୋଗେ ପୋର୍ଟ ବ୍ଲେୟାର ଯାଇ ସେଠାରୁ ସିପ୍ଲେନ୍ ହେଉ ଅଥବା କଟମରେନ୍ ଯୋଗେ ହାଭେଲକ୍ ଦ୍ୱୀପରେ ପହଞ୍ଚିବାକୁ ପଡ଼ିବ। ତା'ପରେ ସେଠାରୁ ଟ୍ୟାକ୍ସି ଯୋଗେ ଜଣେ ଯାଇ ଆରାମରେ ରାଧାନଗର ବିଚ୍ ନିକଟରେ ପହଞ୍ଚିପାରିବ।







# ଜନ୍ମଦିନ କେକ୍ କାଟିବା ପୂର୍ବରୁ କ୍ୟାଣ୍ଡେଲ ଲିଭାଯାଏ କାହିଁକି




**ଜନ୍ମଦିନ ପାର୍ଟି ମାନେ, କ୍ୟାଣ୍ଡେଲ ଲିଭେଇ କେକ୍ କଟାଯିବ । ସାଙ୍ଗସାଥୀ, ପରିବାରବର୍ଗ ତାଳିମାରି ବର୍ଥଡେ' ୱିଶ୍ କରିବେ । କେକ୍ ଖୁଆଖୋଇ ହେବେ। ଆଉ ତା'ପରେ ଯାଇ ଜନ୍ମଦିନ ପାର୍ଟି ପୁରା ହେବ। ହେଲେ କେବେ ଭାବିଛନ୍ତି କି ଜନ୍ମଦିନ ପାର୍ଟିରେ କ୍ୟାଣ୍ଡେଲ ଜଳାଇ ପୁଣି ତାକୁ ଲିଭାଯାଏ କାହିଁକି? ଜାଣନ୍ତୁ ଏହା ପଛର କଥା...**

ଜନ୍ମଦିନ କେକ୍‌ରେ କ୍ୟାଣ୍ଡେଲ ଲଗାଇ ଜଳାଇବାର ପରମ୍ପରା ବହୁ ପୁରାତନ । ଏହାକୁ ନେଇ ଭିନ୍ନ ଭିନ୍ନ ମାନ୍ୟତା ବି ରହିଛି । କୁହାଯାଏ କେକ୍ ଉପରେ କ୍ୟାଣ୍ଡେଲ ଲଗାଇବା ଓ ତାକୁ ଲିଭାଇବାର ପରମ୍ପରା ଗ୍ରୀସ୍‌ରୁ ଆରମ୍ଭ ହୋଇଛି । ଏଠାକାର ଅଧିବାସୀମାନେ ପ୍ରସାଦ ଭାବେ ନିଜର ଦେବୀ ଦେବତାଙ୍କ ପାଇଁ ମହମବତୀ ଜଳାଉଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ, କେକ୍ ଉପରେ ମହମବତୀ ଜଳାଇବା ହେଉଛି ଗ୍ରୀସ୍‌ର ଚନ୍ଦ୍ରମା ଦେବୀ ଆର୍ଟେମିସ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାର ଏକ ବିଶେଷ ଉପାୟ । ତେଣୁ କେକ୍‌କୁ ଚନ୍ଦ୍ରମାର ପ୍ରତୀକଭାବେ ଗୋଲାକାରରେ ତିଆରି କରୁଥିଲେ । ତା'ସହ ଚନ୍ଦ୍ରମାର ଆଲୋକକୁ ଦର୍ଶାଇବା ଲାଗି ମହମବତୀ ଜଳାଉଥିଲେ । ଅନ୍ୟ କିଛି ତଥ୍ୟ କହେ ସ୍ୱିଜରଲାଣ୍ଡରେ ୧୮୮୧ ମସିହାରେ କେକ୍‌ରେ ମହମବତୀ ଲଗାଇ ଲିଭାଇବାର ପରମ୍ପରା ଆରମ୍ଭ ହୋଇଥିଲା । ବୟସ ଅନୁସାରେ କେକ୍ ଉପରେ କ୍ୟାଣ୍ଡେଲ ଜଳାଇ ଗୋଟେ ପରେ ଗୋଟେ ମହମବତୀ ଫୁଙ୍କି ଲିଭାଯାଉଥିଲା । ଏହାବାଦ ଆଉ ଏକ ମାନ୍ୟତା ଅନୁଯାୟୀ ପାଗାନମାନଙ୍କର ବିଶ୍ୱାସ ଥିଲା ଯେ, ଜନ୍ମଦିନରେ ଖରାପ ଆତ୍ମା ଆସନ୍ତି । ତେଣୁ ଏହିଦିନ ଜନ୍ମଦିନ ପାଳନ କରାଯାଉଥିବା ବ୍ୟକ୍ତିଙ୍କୁ ସେମାନଙ୍କଠାରୁ ରକ୍ଷା କରିବା ଲାଗି କ୍ୟାଣ୍ଡେଲ ଜଳାଯାଉଥିଲା । କେକ୍‌ରେ କ୍ୟାଣ୍ଡେଲ ଲଗାଇବାର ଏହି ପରମ୍ପରା ଜର୍ମାନୀରେ ବି ବହୁତ ଲୋକପ୍ରିୟ । ଧାର୍ମିକ କାରଣରୁ ଜର୍ମାନୀର ଅଧିବାସୀ କେକ୍ ମଝିରେ ଏକ ବଡ଼ କ୍ୟାଣ୍ଡେଲକୁ 'ଜୀବନର ଆଲୋକ' ପ୍ରତୀକ ଭାବେ ଲଗାଉଥିଲେ । ସେତେବେଳେ ଅନେକଙ୍କର ବିଶ୍ୱାସ ଥିଲା ଯେ, କ୍ୟାଣ୍ଡେଲର ଧୂଆଁ ସେମାନଙ୍କ ଇଚ୍ଛା ଓ ପ୍ରାର୍ଥନାକୁ ଆକାଶରେ ଥିବା ଦେବୀ ଦେବତାଙ୍କ ପାଖରେ ପହଞ୍ଚାଏ । ତା'ସହ ଆଉ କେହି ଭାବୁଥିଲେ ଏହି ଧୂଆଁ ସେମାନଙ୍କୁ ଖରାପ ଆତ୍ମାଠାରୁ ରକ୍ଷା କରିବାରେ ସାହାଯ୍ୟ କରିବ । ଯେଉଁ ମାନ୍ୟତାକୁ ଆଜି ବି ଅନେକେ ବିଶ୍ୱାସ କରୁଛନ୍ତି ।

## କେକ୍ ଉପର କ୍ୟାଣ୍ଡେଲକୁ ଲିଭାଇବା କେତେ ଠିକ୍

ନିକଟରେ ଆମେରିକାସ୍ଥ ସାଉଥ କାରୋଲିନା ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ,କେକ୍‌ରେ କ୍ୟାଣ୍ଡେଲ ଲଗାଇ ତାକୁ ଲିଭାଇବା ଆଦୌ ନିରାପଦ ନୁହେଁ । ଏଭଳି କରିବାଦ୍ୱାରା ବ୍ୟକ୍ତିଙ୍କ ସାଲାଇଭା କେକ୍ ଉପରେ ପଡ଼େ । ଯଦ୍ୱାରା କେକ୍‌ରେ ବ୍ୟାକ୍ଟେରିଆ ବଢିଯାଏ । ବୈଜ୍ଞାନିକଙ୍କ କହିବାନୁସାରେ ଆମ ପାଟିରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ଥାଆନ୍ତି । ଯଦି ସୁସ୍ଥ ବ୍ୟକ୍ତି କ୍ୟାଣ୍ଡେଲ ଲିଭାଉଥାନ୍ତି ତେବେ ସେହି କେକ୍ ଖାଇବା ଅନ୍ୟଙ୍କ ପାଇଁ ବିଶେଷ ହାନିକାରକ ନ ହେଇପାରେ । ହେଲେ ଅସୁସ୍ଥ ବ୍ୟକ୍ତି କ୍ୟାଣ୍ଡେଲକୁ ଫୁଙ୍କି ଲିଭାଇଲେ ସେହି କେକ୍‌କୁ ଖରାପ ବ୍ୟାକ୍ଟେରିଆ ଯାଇପାରନ୍ତି । ତେଣୁ ସେହି କେକ୍ ନ ଖାଇବା ଭଲ ।






# ୱାର୍ଲଡ ରେକର୍ଡ କଲେ ୪ ମାସର ଝିଅ

ବୟସ ମାତ୍ର ୪ ମାସ । ନା ସେ ଚାଲି ଶିଖିଛି ନା ଶିଖିଛି କହିବା । ତଥାପି ଏଇ ବୟସରେ ସେ ନିଜ ବାପା ମା'ଙ୍କ ନାଁର ଟେକ ରଖିପାରିଛି । କଅଁଳ ବୟସରେ ସେ ୧୨୦ଟି ଜିନିଷ ଚିହ୍ନି ୱାର୍ଲଡ ରେକର୍ଡ କରିଛି । ଆନ୍ଧ୍ରପ୍ରଦେଶର ଏଇ କୁନି ଝିଅଟିର ନାଁ ହେଉଛି କୈବଲ୍ୟା । ଚଢେଇଠୁ ଆରମ୍ଭ କରି ପନିପରିବା ଓ ବିଭିନ୍ନ ପଶୁଙ୍କୁ ସେ ଚିହ୍ନିପାରେ । କୈବଲ୍ୟାର ମା' ପ୍ରଥମେ କୁନି ଝିଅର ଏହି ପ୍ରତିଭାକୁ ଚିହ୍ନି ପାରିଥିଲେ । ଆଉ ଚାହିଁଥିଲେ ଝିଅର ଏହି ପ୍ରତିଭା ଲୋକଲୋଚନକୁ ଆସୁ ବୋଲି । ତେଣୁ ବିଭିନ୍ନ ଜିନିଷର ଚିତ୍ରକୁ ଚିହ୍ନିପାରୁଥିବାର ଏକ ଭିଡିଓ କରି ୱାର୍ଲଡ ରେକର୍ଡ ସଂସ୍ଥାକୁ ପଠାଇଥିଲେ । କୈବଲ୍ୟାର ଏହି ପ୍ରତିଭା ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ବି ପାଇଲା । କୈବଲ୍ୟାର ମା' ଓ ବାପା ଏନେଇ ବହୁତ ଖୁସି ।

ବ୍ୟାକ୍ ପେଜ୍



## ବଡ଼ ପେନ୍

**ଆ**ଜିକାଲି ସମସ୍ତେ ବ୍ୟବହାର କରୁଛନ୍ତି ବଲ୍ ପଏଣ୍ଟ ପେନ୍। କହିବାକୁଗଲେ ଏହା ଆମ ସମସ୍ତଙ୍କ ଜୀବନର ଏକ ଅଂଶ ପାଲଟିଗଲାଣି। ପକେଟ୍‌ରେ ଆରାମରେ ରହୁଥିବା ଏହି ପେନ୍ ଭିନ୍ନ ଭିନ୍ନ ଡିଜାଇନ୍‌ରେ ବି ଉପଲବ୍ଧ ହେଉଛି। ତେବେ ଆମେ ଏଠାରେ ପରି ଏକ ପେନ୍ ସମ୍ପର୍କରେ କହିବୁ ଯାହାକୁ ବ୍ୟବହାର କରିବା କଷ୍ଟକର। ହେଲେ ଏହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଆଉ ଏହା ପୃଥିବୀର ସବୁଠାରୁ ବଡ଼ ପେନ୍‌ର ମାନ୍ୟତା ପାଇଛି। ଉକ୍ତ ପେନ୍‌କୁ ତିଆରି କରିଛନ୍ତି ଭାରତର ଆଚାର୍ଯ୍ୟ ମକୁନୁରୀ ଶ୍ରୀନିବାସ। ଏହି ପେନ୍ ଏତେ ବଡ଼ ଯେ, ତାକୁ ଟେକି ଲେଖିବା ପାଇଁ ୫-୬ ଜଣ ଲୋକ ଆବଶ୍ୟକ। ପେନ୍‌ର ଲମ୍ୱ ୧୮ ଫୁଟ ୦.୫୩ ଇଞ୍ଚ, ଓଜନ ୩୭.୨୩ କି.ଗ୍ରା.। ଅନେକେ ଭାବୁଥିବେ ପେନ୍‌ଟି ଲେଖିବା ଯୋଗ୍ୟ ହୋଇ ନ ଥିବ। କିନ୍ତୁ ଏଥିରେ ଲେଖି ହୁଏ। ପେନ୍ ନିବ୍‌ର ଅଗ୍ରଭାଗରେ ଧାତୁର ଛୋଟିଆ ଗୋଲି ଲାଗିଛି, ଯାହା କାଗଜରେ ଲେଖିବାରେ ସହାୟକ ହୋଇଥାଏ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୯ କି.ଗ୍ରା.ର ପିତଳ ବ୍ୟବହାର କରାଯାଇଛି। ଶ୍ରୀନିବାସ କୁହନ୍ତି, 'ଛୋଟବେଳୁ ହିଁ ମୋର ଅଜବ ପେନ୍ ତିଆରି କରିବାକୁ ଇଚ୍ଛାଥିଲା। ତେଣୁ ଏହି ପେନ୍ ତିଆରି କଲି। ଏବେ ଏହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିବାରୁ ବହୁତ ଖୁସି ଲାଗୁଛି।'

## କାର୍ ଥିମ୍ ହୋଟେଲ୍

**କା**ର୍ ପ୍ରେମୀଙ୍କୁ ଏହି ହୋଟେଲ ସ୍ୱର୍ଗ ପରି ଲାଗିବ। କାରଣ ହୋଟେଲର ଯେଉଁଆଡ଼େ ନଜର ବୁଲାଇବେ କାର୍ ହିଁ କାର୍ ଦେଖିବାକୁ ମିଳିବ। ତା'ସହ କାର୍ ଜନିତ ଅନେକ ସୂଚନା ବି। କେବଳ ସେତିକି ନୁହେଁ ଏହାର ବେଡ୍‌ରୁମ୍‌ଗୁଡ଼ିକ କାର୍ ଥିମ୍‌ରେ ତିଆରି। ଅର୍ଥାତ୍ ବେଡ୍‌ଗୁଡ଼ିକ ସତ ସତିକା କାର୍‌ରେ ତିଆରି। ଏହାର ଆସବାବପତ୍ର ବି କାର୍ ଥିମ୍‌ରେ ତିଆରି। କାର୍‌ପ୍ରେମୀଙ୍କ ସ୍ୱର୍ଗ ଉକ୍ତ ହୋଟେଲ ଜର୍ମାନୀରେ ଅଛି। ବିଏମ୍‌ଡବ୍ଲ୍ୟୁ, ମର୍ସିଡିଜ, ପୋର୍ସ ପରି ଲକ୍‌ଜୁରୀୟସ୍ କାର୍‌ରେ ତିଆରି ଏହି ବେଡ୍‌ଗୁଡ଼ିକର ହେଡ୍ ଲାଇଟ୍ ଜଳେ। କେବଳ ସେତିକି ନୁହେଁ ଗ୍ରାହକଙ୍କୁ ଏଠାରେ ମର୍ସିଡିଜ୍, ଟେସ୍‌ଲା, ପୋର୍ସ ଆଦି ଲକ୍‌ଜୁରୀୟସ୍ କାର୍‌ଗୁଡ଼ିକର ଟେଷ୍ଟ ଡ୍ରାଇଭ୍ କରିବାକୁ ବି ସୁଯୋଗ ଦିଆଯାଏ।






## ଅଜବ ଜୋତା



**ପା**ଦକୁ ସୁରକ୍ଷା ଦିଏ ଜୋତା। ଏହା ଭିନ୍ନ ଭିନ୍ନ ସ୍ଥାନରେ ପୁଣି ଭିନ୍ନ ଭିନ୍ନ ପ୍ରକାରର ବି ହୋଇଥାଏ। ଯେମିତିକି ସ୍ପେନ୍‌ର ଉତ୍ତର ଭାଗରେ ଥିବା କାଣ୍ଟାବ୍ରିଆରେ ଦେଖିବାକୁ ମିଳେ ଏକ ଅଜବ ଡିଜାଇନ୍‌ର ଜୋତା। ଯାହାକି ଏଠାକାର ପାରମ୍ପରିକ ଜୋତା ଅଟେ। ଏହି ଜୋତା କାଠରେ ତିଆରି ହୋଇଥିବାବେଳେ ଏହାର ତଳଭାଗରେ ଛୋଟ ଛୋଟ ତିନୋଟି ଷ୍ଟାଣ୍ଡ ଭଳି ଥାଏ। ଖାସ୍‌କରି କୃଷକଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜୋତା କୃଷକଙ୍କ ପାଦକୁ ଚାଷ ଜମିରେ ଥିବା କାଦୁଅ, ଗୋବର ଓ ବରଫରୁ ସୁରକ୍ଷା ପ୍ରଦାନ କରିଥାଏ। ସାଧାରଣତଃ ବିର୍, ବର୍ଚ ପରି ଗଛର କାଠରେ ଏହାକୁ ତିଆରି କରାଯାଇଥାଏ। ଏହାକୁ ସୁନ୍ଦର ରଙ୍ଗରେ ବି ରଙ୍ଗାଯାଇଥାଏ। ଏହାର ସାମ୍‌ନାଭାଗରେ ହୋଇଥିବା କାରୁକାର୍ଯ୍ୟଭରା ଖୋଦେଇ ଏହାକୁ ଅଧିକ ଆକର୍ଷକ କରାଏ।

